Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 248
Monday, 16 November 2026
Balasore, Page : 8, ₹ 2/
ବାଲେଶ୍ୱର, ସୋମବାର, ୧୬ ନଭେମ୍ବର, ୨୦୨୬
ପୃଷ୍ଠା: ୮, ମୂଲ୍ୟ: ୨ଟଙ୍କା
Seitho Arambha
Seithoarambha
www.seithoarambha.com

ସୀତୋ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ପୁଣ୍ଡା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ



ଯେଉଁଠି ପ୍ରଶ୍ନ ନିରବ ରହେ, ସେଠି କ୍ଷମତା ନିରଙ୍କୁଶ ହେବାର ଆଶଙ୍କା ବଢ଼େ

ଶୁଭେନ୍ଦୁ ଦାସ

ସତ୍ୟ ସବୁବେଳେ ସୁନ୍ଦର ହୋଇ ନଥାଏ, କିନ୍ତୁ ସମାଜର ମଙ୍ଗଳ ପାଇଁ ସତ୍ୟର ସାମ୍ନା ଜରିଦା ଅପରିହାର୍ଯ୍ୟ । କ୍ଷମତା ସବୁବେଳେ ପ୍ରଶଂସା ଚାହିଁ, କିନ୍ତୁ ଗଣତନ୍ତ୍ର ପ୍ରଶ୍ନ ଚାହିଁ । ଆଉ ଏହି ପ୍ରଶ୍ନ କରିବାର ସାହସ ହିଁ ସାମାଜିକତାର ମୌଳିକ ପରିଚୟ । ଯେଉଁଠି ପ୍ରଶ୍ନ ଜରିବାର ସ୍ୱାଧୀନତା ନଥାଏ, ସେଠାରେ ଗଣତନ୍ତ୍ରର ଅସ୍ତିତ୍ୱ କେବଳ ସାମ୍ବିଧାନିକ ପରିଭାଷାରେ ସୀମିତ ହୋଇଯାଏ । ନଭେମ୍ବର ୧୬, ଜାତୀୟ ପ୍ରେସ୍ ଦିବସ । ଏହା କେବଳ ସାମାଦିକଙ୍କ ପାଇଁ ଏକ ଦିବସ ନୁହେଁ; ଏହା ହେଉଛି ସମାଜର ବିବେକ, ଗଣତନ୍ତ୍ରର ଚେତନା ଏବଂ ଅଭିବ୍ୟକ୍ତିର ସ୍ୱାଧୀନତାକୁ ପୁନଃସମୀକ୍ଷା କରିବାର ଏକ ଅବସର । ୧୯୬୬ ମସିହାରେ ଭାରତୀୟ ପ୍ରେସ୍ କାଉନସିଲ୍ କାର୍ଯ୍ୟ ଆରମ୍ଭ କରିବା ସହିତ ଏହି ଦିବସର ଐତିହାସିକ ଗୁରୁତ୍ୱ ଜଡ଼ିତ । କିନ୍ତୁ ଏହି ଦିବସର ପ୍ରକୃତ ମହତ୍ୱ ଉତ୍ସବରେ ନୁହେଁ, ଆତ୍ମସମୀକ୍ଷାରେ ରହିଛି । ସାମାଦିକତା କେବଳ ଘଟଣାର ବିବରଣୀ ନୁହେଁ, ଏହା ସମୟର ଦଲିଲ । ଇତିହାସ ଯେତେବେଳେ ରାଜା, ଶାସକ ଓ କ୍ଷମତାଶାଳୀଙ୍କ କାହାଣୀ ଲେଖେ, ସାମାଦିକତା ସେତେବେଳେ ସାଧାରଣ ମଣିଷର ଅକଥିତ କାହାଣୀକୁ ସ୍ୱର ଦିଏ । ଶାସନର ନିଷ୍ପତ୍ତି ଓ ଜନଜୀବନର ବାସ୍ତବତା ମଧ୍ୟରେ ଯେଉଁ ଦୂରତା ରହିଥାଏ, ସେହି ଦୂରତାକୁ ଦେଖାଇବା ହିଁ ଗଣମାଧ୍ୟମର ଦାୟିତ୍ୱ । ପ୍ରକୃତରେ ସାମାଦିକତାର ଆତ୍ମା ହେଉଛି ସତ୍ୟ ଏବଂ ତାହାର ଶକ୍ତି ହେଉଛି ନିର୍ଭୀକତା । କିନ୍ତୁ ସତ୍ୟର ସନ୍ଧାନ କେବେ ସହଜ ନୁହେଁ । ଏହା ପାଇଁ ଆବଶ୍ୟକ ତଥ୍ୟ, ଅନୁସନ୍ଧାନ, ବିବେକ ଓ ନିରପେକ୍ଷ ଦୃଷ୍ଟିଭଙ୍ଗୀ । ସାମାଦିକଙ୍କ କାମ କାହାରି ମତକୁ ସତ୍ୟ ବୋଲି ପ୍ରତିଷ୍ଠା କରିବା ନୁହେଁ, ବରଂ ପ୍ରତ୍ୟେକ ମତର ଭିତରେ ଥିବା ତଥ୍ୟକୁ ଖୋଜିବା । ଆଜିର ସମୟରେ ସାମାଦିକତା ଏକ ଅଦ୍ଭୁତ ଦ୍ୱନ୍ଦ୍ୱ ଦେଇ ଗତି କରୁଛି । ଗୋଟିଏ ପଟେ ସୂଚନାର ବିସ୍ଫୋରଣ, ଅନ୍ୟପଟେ ସତ୍ୟର ଅଦମ୍ଭ୍ୟାୟନ । ଖବରର ଗତି ବଢ଼ୁଛି, କିନ୍ତୁ ଖବରର ଗୁରୁତ୍ୱରେ କେତେବେଳେ ହ୍ରାସ ପାଉଛି । ତଥ୍ୟ ଅଧିକ ଉପଲବ୍ଧ ହେଉଛି, କିନ୍ତୁ ତଥ୍ୟର ସତ୍ୟତା ନିର୍ଣ୍ଣୟ କରିବା ଅଧିକ ଜଟିଳ ହେଉଛି । ଏହି ପରିସ୍ଥିତିରେ ଗଣମାଧ୍ୟମ କେବଳ ସୂଚନାର ବାହକ ହୋଇ ରହିଲେ ଚଳିବ ନାହିଁ; ତାକୁ ବିବେକର ବାହକ ମଧ୍ୟ ହେବାକୁ ପଡ଼ିବ । ବଜାରର ଚାପ, ରାଜନୈତିକ ପ୍ରଭାବ, ବିଜ୍ଞାପନଦାତାଙ୍କ ସ୍ୱାର୍ଥ ଓ ଡିଜିଟାଲ୍ ପ୍ରତିଯୋଗିତା ଆଜି ସାମାଦିକତାର ସ୍ୱାଧୀନତାକୁ ବିଭିନ୍ନ ଭାବେ ପରୀକ୍ଷା କରୁଛି । ଏହି ପରିବେଶରେ ଏକ ମୌଳିକ ପ୍ରଶ୍ନ ଉଠୁଛି—ସାମାଦିକତା ଜନସାଧାରଣଙ୍କ ପ୍ରତି ଉତ୍ତରଦାୟୀ ରହିବ, ନା ବଜାରର ଚାହିଦା ପ୍ରତି ? ଖବରର ମୂଲ୍ୟ ତାହାର ସଦ୍ୟତାରେ ନିର୍ଦ୍ଧାର ହେବ, ନା ତାହାର ଦର୍ଶକ ସଂଖ୍ୟାରେ ? ଏହି ପ୍ରଶ୍ନଗୁଡ଼ିକ ଆଜିର ସାମାଦିକତା ପାଇଁ ସଉାର ଆତ୍ମସମୀକ୍ଷାର ବିଷୟ । ସାମାଦିକତାର ସ୍ୱାଧୀନତା ଅର୍ଥ ଦାୟିତ୍ୱହୀନତା ନୁହେଁ । ଅରିବାଲ୍ଲିର ଅଧିକାର ସହିତ ତଥ୍ୟର ପ୍ରାମାଣିକତା, ଭାଷାର ସଂଯମ ଓ ସାମାଜିକ ଉତ୍ତରଦାୟିତ୍ୱ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଜଣେ ସାମାଦିକଙ୍କ ଗୋଟିଏ ଭୁଲ୍ ଖବର ଜାହାରି ଜୀବନ, ସମ୍ମାନ ଓ ସାମାଜିକ ସ୍ଥିତିକୁ ପ୍ରଭାବିତ କରିପାରେ । ତେଣୁ ସାମାଦିକଙ୍କ ଜଇମରେ ଯେତିକି ସ୍ୱାଧୀନତା ରହିବା ଆବଶ୍ୟକ, ସେତିକି ବିବେକ ମଧ୍ୟ ରହିବା ଦରକାର ।

ଆଜି କୃତ୍ରିମ ବୁଦ୍ଧିମତା ଓ ଡିଜିଟାଲ୍ ପ୍ଲାଟ୍‌ଫର୍ମ ଖବର ଜଗତରେ ନୂଆ ଅଧ୍ୟାୟ ଯୋଡ଼ିଛି । କିନ୍ତୁ ଯନ୍ତ୍ର ସୂଚନା ଦେଇପାରେ, ତଥ୍ୟ ବିଶ୍ଳେଷଣ କରିପାରେ; ହେଲେ ମାନବୀୟ ବେଦନାକୁ ଅନୁଭବ କରିବା, ଅନ୍ୟାୟ ବିରୋଧରେ ଜେଡିକି ଆଙ୍ଗୁଠି ଗ୍ରହଣ କରିବା ଓ ସତ୍ୟ ପାଇଁ ଝୁଙ୍କି ନେବାର ଦାୟିତ୍ୱ ମଣିଷର ହିଁ । ପ୍ରଯୁକ୍ତି ସାମାଦିକତାର ସହାୟକ ହୋଇପାରେ, କିନ୍ତୁ ବିବେକର ବିକଳ୍ପ ହୋଇପାରିବ ନାହିଁ । ବିଶେଷକରି ଆଂଚଳିକ ଓ ମାତୃଭାଷାର ସାମାଦିକତାର ଗୁରୁତ୍ୱ ଅଧିକ । ସେଁ ଭାଷା, ଚାଷୀର ସମସ୍ୟା, ଆଦିବାସୀଙ୍କ ଅଧିକାର, ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଅବହେଳା, ସ୍ଥାନୀୟ ପ୍ରଶାସନର ବାଧିତ୍ୱହୀନତା—ଏସବୁ ବିଷୟ ଜାତୀୟ ଆଲୋଚନାରେ ସବୁବେଳେ ସ୍ଥାନ ପାଏ ନାହିଁ । ଏହି ଶୂନ୍ୟସ୍ଥାନକୁ ପୂରଣ କରିଥାଏ ସ୍ଥାନିକ ଗଣମାଧ୍ୟମ । ଓଡ଼ିଆ ଖବରକାଗଜ କେବଳ ଖବର ପ୍ରକାଶ କରୁଥିବା ଅନୁଷ୍ଠାନ ନୁହେଁ, ଏହା ଓଡ଼ିଆ ସମାଜର ଚେତନା, ଭାଷା ଓ ଆଂଚଳିକ ଅସ୍ମିତାର ଏକ ଗୁରୁତ୍ୱପୂର୍ଣ୍ଣ ବାହକ । ତେବେ ଏହି ଦାୟିତ୍ୱ କେବଳ ସାମାଦିକଙ୍କର ନୁହେଁ । ସାମାଦିକତାର ସ୍ୱାଧୀନତାକୁ ସଜାଗ ରହେ, ସାମାଦିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଓ ଗଣମାଧ୍ୟମର ଆର୍ଥିକ ସ୍ୱାଧୀନତାକୁ ସୁଦୃଢ଼ କରିବା ସରକାର, ସମାଜ ଓ ଗଣମାଧ୍ୟମ ପରିଚାଳନା ସଂସ୍ଥା ସମସ୍ତଙ୍କ ଦାୟିତ୍ୱ । କାରଣ ଭୟମୁକ୍ତ ସାମାଦିକତା ବିନା ସୁସ୍ଥ ଗଣତନ୍ତ୍ରର କଳ୍ପନା ଅସମ୍ପୂର୍ଣ୍ଣ । ସାମାଦିକତାର ଇତିହାସ ହେଉଛି ପ୍ରଶ୍ନ କରିବାର ଇତିହାସ, ଅନ୍ୟାୟ ବିରୋଧରେ ସ୍ୱର ଉଠାଇବାର ଇତିହାସ ଏବଂ ନିରବ ମଣିଷଙ୍କୁ କଥା କହିବାର ଅଧିକାର ଦେବାର ଇତିହାସ । ଏହି ଇତିହାସକୁ ଆଗକୁ ନେବା ପାଇଁ ସାମାଦିକଙ୍କୁ ନିଜର ମୌଳିକ ଦର୍ଶନ ପାଖକୁ ଫେରିବାକୁ ହେବ । କାରଣ ସାମାଦିକତାର ପ୍ରକୃତ ସଫଳତା କ୍ଷମତାର କେତେ ନିଇତରର ଖୋଜପାରିଲା, ସେଥିରେ ନୁହେଁ; ବରଂ କ୍ଷମତାକୁ କେତେ ଉତରଦାୟୀ କରିପାରିଲା, ସେଥିରେ ନିହିତ । ତାହାର ମହତ୍ୱ କେତେ ଶିରୋନାମା ସୃଷ୍ଟି କଲା, ସେଥିରେ ନୁହେଁ: କେତେ ଅନୁତ୍ତାରିତ ସତ୍ୟକୁ ସାମ୍ନାକୁ ଆଣିଲା, ସେଥିରେ ରହିଛି । ଯେଉଁଠି ପ୍ରଶ୍ନ ନିରବ ହୁଏ, ସେଠି କ୍ଷମତା ନିରଙ୍କୁଶ ହେବାର ଆଶଙ୍କା ବଢ଼େ । ଯେଉଁଠି ଜରୁରୀ ସ୍ୱାଧୀନ ରହେ, ସେଠି ଗଣତନ୍ତ୍ରର ବିବେକ ଜାଗ୍ରତ ରହେ । ଜାତୀୟ ପ୍ରେସ୍ ଦିବସରେ ଏହା ହିଁ ହେଉ ଆମର ଆତ୍ମସ୍ୱୀକାର ଓ ସଂକଳ୍ପ—ସାମାଦିକତା କୌଣସି ପକ୍ଷର ନୁହେଁ, ସତ୍ୟର ପକ୍ଷରେ ରହୁ । କାରଣ ସମାଜକୁ ଦର୍ପଣ ଦେଖାଇବା ହିଁ ଗଣମାଧ୍ୟମର ଧର୍ମ: ଦର୍ପଣରେ ଦେଖାଯାଉଥିବା ପ୍ରତିଛବିକୁ ବଦଳାଇଦେବା ନୁହେଁ ।

ସମ୍ପାଦକ

ମାଲକାନାଗିରିକୁ ୧୬୧ କୋଟିର ପ୍ରକଳ୍ପ ଭେଟି



ଭୁବନେଶ୍ୱର, ୧୫/୧୧ (ଆ.ପ୍ର) : ଜନଜାତି ବର୍ଗ ହେଉଛନ୍ତି ଦେଶର ସବୁଠାରୁ ସ୍ୱତନ୍ତ୍ର ଓ ଗୁରୁତ୍ୱପୂର୍ଣ୍ଣ ବର୍ଗ । ସେମାନଙ୍କ ସଂରକ୍ଷିତକରଣ ବିନା ସମ୍ବଦ୍ଧ ଓଡ଼ିଶା, ବିଜେଡି ଭାରତ ଗଠନ ଅସମ୍ଭବ । ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଜନଜାତି ସମାଜର ଆରାଧ୍ୟ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୧ତମ ଜୟନ୍ତୀ ତଥା ଜାତୀୟ 'ଜନଜାତୀୟ ଗୌରବ ଦିବସ' ଅବସରରେ ମାଲକାନଗିରିଠାରେ ରାଜ୍ୟସ୍ତରୀୟ ମହୋତ୍ସବ ମହାସମାରୋହରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଅନନ୍ୟ ଓ ଅତ୍ୟାଚାର ବିରୁଦ୍ଧରେ ସଂଗ୍ରାମ ଜରିଆରେ ବିର୍ସା ଥିଲେ ଜଣେ ଅଗ୍ରଣୀ ନାୟକ । ତାଙ୍କ ପ୍ରେରଣାରେ ସମଗ୍ର ଆଦିବାସୀ ସମାଜ ସ୍ୱାଧୀନଚେତା ଚିନ୍ତାଧାରାରେ ଉଦ୍ବୁଦ୍ଧ ହୋଇଛନ୍ତି । ଜନଜାତି ବର୍ଗର ସାମଗ୍ରିକ ଉନ୍ନତିରେ ହିଁ ଆମେ ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଠନ କରିପାରିବା । ଆଜିର ଏହି ଜନଜାତୀୟ ଗୌରବ ଦିବସ ପାଳନ କେବଳ ଏକ ଆନୁଷ୍ଠାନିକ ଉତ୍ସବ ନୁହେଁ, ବରଂ ଏହା ଆମ ଜନଜାତି ସମାଜର ଗୌରବମୟ ଇତିହାସ, ପରମ୍ପରା, ଭାଷା, କଳା, ସଂସ୍କୃତି ଓ ଐତିହ୍ୟକୁ ସ୍ମରଣ କରିବା ସହିତ ଆଗାମୀ ପିଢ଼ି ମଧ୍ୟରେ ଏହାର ସୁରକ୍ଷା ପ୍ରତି ଦାୟିତ୍ୱବୋଧ ସୃଷ୍ଟି କରିବାର ଏକ ମହତ୍ୱପୂର୍ଣ୍ଣ ଅବସର ଅଟେ ।ମାଲକାନଗିରି ଜିଲ୍ଲାରେ ୪,୨୦୦ କୋଟି ଟଙ୍କା ବିନିଯୋଗରେ ସୁରୁଟି ଶିଳ୍ପ ପ୍ରକଳ୍ପ ଶୁଭ ଶୀଘ୍ର ପ୍ରତିଷ୍ଠା ହେବାକୁ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଥିଲେ । ମୁଖ୍ୟମନ୍ତ୍ରୀ ମାଲକାନଗିରି ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ୧୬୧ କୋଟି ଟଙ୍କାର ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପ ଭେଟି ଦେଇଛନ୍ତି । ଏଥିମଧ୍ୟରୁ ଜନଜାତି ଛାତ୍ରଛାତ୍ରୀଙ୍କ ଶିକ୍ଷାର ପ୍ରସାର ନିମନ୍ତେ ୫୫ କୋଟି ଟଙ୍କା ବ୍ୟୟବରାଦରେ ନିର୍ମିତ ୨୮ଟି ନୂତନ ଛାତ୍ରାବାସ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଥିବା ବେଳେ, ଜିଲ୍ଲାର ଗିରିଭୂମି ଓ ସାମୁଦ୍ରିକ ଉନ୍ନତି ପାଇଁ ୧୦୬ କୋଟି ଟଙ୍କା ବିନିଯୋଗରେ ୩୫ଟି ନୂତନ ପ୍ରକଳ୍ପର ଶିଳାସ୍ତମ୍ଭର ସ୍ଥାପନ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜନଜାତି ପରିବାରଗୁଡ଼ିକର ଆର୍ଥିକ ସ୍ୱାବଲମ୍ବନ ପାଇଁ ରାଜ୍ୟ ସରକାର 'ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ୨.୦' ଆରମ୍ଭ କରିଛନ୍ତି । ଏହି ଯୋଜନା ମାଧ୍ୟମରେ ଆଗାମୀ ପାଂଚ ବର୍ଷରେ ୧୯ଟି ଜିଲ୍ଲାର ୧୩୪ଟି ବ୍ଲକର ପ୍ରାୟ ୮ ଲକ୍ଷ ଅନୁସୂଚିତ ଜନଜାତି ଓ ବିଶେଷ ଅନୁନ୍ନତ ଜନଜାତି ପରିବାରକୁ ସଶକ୍ତ କରିବାର ଲକ୍ଷ୍ୟ ରଖାଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଦାୟୀ ଜନଜାତି ବର୍ଗର ୨ଜଣ Ph.D ଛାତ୍ର ଏବଂ ଜଣେ ସମାଜସେବୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ କହିଥିଲେ ଯେ, ବିର୍ସା ମୁଣ୍ଡା ଯେଉଁ ଲକ୍ଷ୍ୟ ପ୍ରତିଷ୍ଠା ପାଇଁ ସଂଗ୍ରାମ କରିଥିଲେ, ସେହି ଲକ୍ଷ୍ୟ ପ୍ରତ୍ୟେକ ଜନଜାତିଙ୍କ ପାଇଁ ଗର୍ବ ଓ ଗୌରବ । ଆଦିବାସୀ ମାନଙ୍କ ଜଳ, ଜଙ୍ଗଲ, ଜମି ପାଇଁ ଟଂରେଜ ସରକାରଙ୍କ ବିରୁଦ୍ଧରେ ସେ ଯୁଦ୍ଧ ଜାହାରା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ମାଲକାନଗିରି ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ନରସିଂହ ମାଡକାମୀ, ବିଭୂତିକୋଣା ବିଧାୟକ ମଙ୍ଗୁ ଖୁଣ୍ଟ, ସ୍ୱତନ୍ତ୍ର ଜନ୍ମୟନ ପରିଷଦର ଅଧ୍ୟକ୍ଷ ଗଙ୍ଗାଧର ସୋଢା, ବିଭାଗୀୟ କମିଶନର ତଥା ଶାସନ ସଚିବ ବି. ପରମେଶ୍ୱରନ ଏବଂ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଆଚାରିଆ ଗାଜେଶିରେ ପ୍ରମୁଖ ଉପସ୍ଥିତ ଥିଲେ ।

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ ବଳୟ 'ଅକ୍‌ବନ'



ଭୁବନେଶ୍ୱର, ୧୫/୧୧ (ଆ.ପ୍ର) : ବଙ୍ଗୋପସାଗରର ଦକ୍ଷିଣ-ପୂର୍ବ ଓ ଦକ୍ଷିଣ-ପଶ୍ଚିମ ଦିଗରେ ଏକ ବିରାଟ ଲଘୁଚାପ ବଳୟ 'ଅକବନ' ସୃଷ୍ଟି ହୋଇଛି । ଏହାର ପ୍ରଭାବ ଓଡ଼ିଶାରେ ପଡ଼ିବା ଆଶଙ୍କା ଜମ୍ ରହିଛି, ତେବେ ଏହାର ପ୍ରଭାବରେ ଓଡ଼ିଶାରେ ୧୮ ତାରିଖରୁ ଦୁଇ-ତିନି ଦିନ ଧରି ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଆଜି (ରବିବାର) ଅପରାହ୍ନରେ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଜାରି ପ୍ରେସ୍ ବିବୃତିରେ ଏନେଇ ସୂଚନା ଦିଆଯାଇଛି । ସୂଚନାନୁସାରେ, ଉତ୍ତରି ଲଘୁଚାପ ବଳୟ ଘଂଟାକୁ ୧୦ କିମି ବେଗରେ ଉତ୍ତରପ୍ର-ଉତ୍ତରପଶ୍ଚିମ ଦିଗକୁ ଗତିକରୁଛି । ଏହା ଓଡ଼ିଶାର ଗୋପାଳପୁର ଠାରୁ ଦକ୍ଷିଣ-ଦକ୍ଷିଣ ପୂର୍ବ ଦିଗରେ ୧୧୩୦ କିମି ଦୂରରେ ରହିଛି । ଆନ୍ଧ୍ରପ୍ରଦେଶ ବିଶାଖପାଟଣା ଠାରୁ ସେହି ଦିଗରେ ୧୦୧୦ କିମି ଦୂରରେ ଥିବା ବେଳେ ଚାମିଳନାଡୁର ଚେନ୍ନାଇ ଠାରୁ ୮୪୦ କିମି ଓ ଶ୍ରୀଲଙ୍କାର ତ୍ରିଙ୍କୋମାଲି ଠାରୁ ୬୩୦ କିମି ଦୂରରେ ଅବସ୍ଥିତ । ଏହା ୧୬ ତାରିଖରେ ପୂର୍ବାଞ୍ଚଳର ଉପ ନେତ ଓ ୧୭ ନଭେମ୍ବରରେ ଏହା ଉତ୍ତର ପୂର୍ବାଞ୍ଚଳ ଦିଗରେ ପରିବର୍ତ୍ତିତ ହେବ । ୧୮ ତାରିଖ ବେଳକୁ ଏହାର ଘଂଟାପ୍ରତି ବେଗ ୧୦୦ରୁ ୧୧୦ କିମି ଓ ୧୯ ତାରିଖରେ ଏହା ବୃଦ୍ଧିପାଇ ୧୨୦-୧୩୦ କିମି ବେଗରେ ପଙ୍ଗଚିବ । ଏହାର ପ୍ରଭାବରେ ଓଡ଼ିଶାରେ ୧୮ ତାରିଖରୁ ଗଜପତି, ଗଞ୍ଜାମ, ପୁରୀ, ଜାଜପୁର, ଭଦ୍ରକ, ଯାଜପୁର, କେନ୍ଦ୍ରପଡ଼ା, ଜଗତସିଂହପୁର, କଟକ, ଢେଙ୍କାନାଳ, ମୟୂରଭଞ୍ଜ, କନ୍ଧମାଳ, ଗାୟତ୍ରୀ, ଜୋରାପୁଟ, ମାଲକାନଗିରି, ଖୋର୍ଦ୍ଧା ଓ ନୟାଗଡ଼ରେ ବର୍ଷା ହେବ । ଏଥିପାଇଁ ଗଜପତି, ଗଞ୍ଜାମ ଓ ପୁରୀକୁ ନାରଙ୍গୀ ସତର୍କତା ଜାରି କରାଯାଇଥିବା ବେଳେ ବଳକା ଜିଲ୍ଲାଗୁଡ଼ିକୁ ଯେଲୋ ସତର୍କତା ଜାରି କରାଯାଇଛି । ସମୁଦ୍ରକୁ ଯାଇନଥିବା ମଛଧରାଳୀଙ୍କ ପାଇଁ ମଧ୍ୟ ସତର୍କତା ଜାରି କରାଯାଇଛି । ୧୫ ତାରିଖ ସୁଦ୍ଧା ଉପକୂଳକୁ ଫେରିଆସିବୁ କୁଆଯାଇଛି । ଏବଂ ୨୦ ତାରିଖ ସୁଦ୍ଧା ସମୁଦ୍ରମଧ୍ୟକୁ ନଯିବାକୁ ପରାମର୍ଶ ଦିଆଯାଇଛି ।

ଛତିଶଗଡ଼ରୁ ଡେବ୍ରିଗଡ଼ ଆସିଛି ମହାବଳ ବାଘ

ସମ୍ବଲପୁର, ୧୫/୧୧ (ଆ.ପ୍ର) : ଡେବ୍ରିଗଡ଼ ଅରୟାରଣ୍ୟକୁ ଆସିଥିବା ମହାବଳ ବାଘର ପୂର୍ବ ଅବସ୍ଥିତି ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି । ଗତ ୯ ନଭେମ୍ବର ୨୦୨୬ରେ ଡେବ୍ରିଗଡ଼ ଅରୟାରଣ୍ୟକୁ ଆସିଥିବା ଅଣ୍ଡିରା ମହାବଳ ବାଘ ପୂର୍ବରୁ ଛତିଶଗଡ଼ର ଉଦନ୍ତୀ-ସୀତାନଦୀ ବ୍ୟାଘ୍ର ସଂରକ୍ଷିତ ଅଂଚଳରେ ରହିଥିବା ସ୍ତ୍ରୀଲୋଇଥିବା କହିଛନ୍ତି ବନ୍ୟପ୍ରାଣୀ ବିଭାଗ ଡିଏଫଓ ଅଂଶୁ ପ୍ରଜ୍ଞା ଦାସ । ଛତିଶଗଡ଼ ବନ ବିଭାଗ ଅଧିକାରୀଙ୍କଠାରୁ ମିଳିଥିବା କ୍ୟାମେରା ଟ୍ରାପ୍ ଫଟୋରେ ବାଘର ଶରୀରରେ ଥିବା ଡୋରା ଚିହ୍ନକୁ ବିଶ୍ଳେଷଣ କରାଯିବା ପରେ ଏହା ନିଶ୍ଚିତ ହୋଇଛି । ୨୦୨୫ ମସିହାରେ ଏହି ବାଘ ପ୍ରାୟ ୬ ମାସ ଧରି ଉଦନ୍ତୀ-ସୀତାନଦୀ ବ୍ୟାଘ୍ର ସଂରକ୍ଷିତ ଅଂଚଳରେ ବ୍ୟାମେରା ଟ୍ରାପ୍‌ରେ ଚିହ୍ନଟ ହୋଇଥିଲା ।

ବିବିଧତା ମଧ୍ୟରେ ଏକତା ଭାରତର ପରିଚୟ: ରାଜ୍ୟପାଳ

ଭୁବନେଶ୍ୱର, ୧୫/୧୧ (ଆ.ପ୍ର) : ବିବିଧତା ମଧ୍ୟରେ ଏକତା ହେଉଛି ଭାରତର ପରିଚୟ । ପ୍ରତ୍ୟେକ ଭାଷାକୁ ସଜାନ, ପ୍ରତ୍ୟେକ ସଂସ୍କୃତିକୁ ଗୁରୁତ୍ୱ ଏବଂ ପ୍ରତ୍ୟେକ ନାଗରିକଙ୍କୁ ସମାନ ପ୍ରଗତିର ସୁଯୋଗ ମିଳୁଥିବା ଏକ ଭାରତ ଗଠନ ପାଇଁ ସାମୂହିକ ଉଦ୍ୟମ ଆବଶ୍ୟକ । ଲୋକଭବନ ପରିସରସ୍ଥିତ ନ୍ୟୁ ଅଡିଟୋରିୟମ ଠାରେ ଝାଡ଼ଖଣ୍ଡ ରାଜ୍ୟପାଳ ପ୍ରତିଷ୍ଠା ଦିବସ ଓ ଜନଜାତୀୟ ଗୌରବ ଦିବସ ପାଳନ ସମାରୋହରେ ଯୋଗଦେଇ ରାଜ୍ୟପାଳ ଡ଼ଜମୋହନ ରାମ ଏହା କହିଛନ୍ତି ।ଏହି ଉତ୍ସବ ଦୁଇ ରାଜ୍ୟ ମଧ୍ୟରେ ରହିଥିବା ସାଂସ୍କୃତିକ ସମ୍ପର୍କ, ଗୌରବ ଓ ଐତିହ୍ୟର ଉତ୍ସବ ବୋଲି ଅଭିହିତ କରିଥିଲେ । ମହାନ ଜନଜାତି ସ୍ୱାଧୀନତା ସଂଗ୍ରାମୀ ଭଗବାନ ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ରାଜ୍ୟପାଳ କହିଥିଲେ ଯେ, ତାଙ୍କର ସାହସ, ତ୍ୟାଗ ଓ ଆତ୍ମସମ୍ମାନ ପ୍ରତି ନିଷ୍ଠା ପିଢ଼ି ପରେ ପିଢ଼ିକୁ ପ୍ରେରଣା ଯୋଗାଉ ଆସୁଛି । ଆଦିବାସୀଙ୍କ ଅଧିକାର, ସଂସ୍କୃତି ଓ ମର୍ଯ୍ୟାଦାର ସୁରକ୍ଷା ପାଇଁ ବିର୍ସା ମୁଣ୍ଡା ଜଂରେଜ ଶାସନ ବିରୋଧରେ ଐତିହାସିକ ଉଲଗୁଲାନ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।

15001/136/2627



ଜାତୀୟ ପ୍ରେସ୍ ଦିବସ
ଉପଲକ୍ଷେ
ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଜାତୀୟ ପ୍ରେସ୍ ଦିବସ ଉପଲକ୍ଷେ ସମସ୍ତ ସାମାଦିକ ଏବଂ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ମୋର ଅଭିନନ୍ଦନ ଓ ଶୁଭେଚ୍ଛା ।

ଲୋକମତ ସୃଷ୍ଟି, ସମାଜ ପରିବର୍ତ୍ତନ ଓ ଦେଶ ନିର୍ମାଣରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସଠିକ୍ ଓ ନିରପେକ୍ଷ ଖବର ପ୍ରସାରଣ ସହିତ ସମାଜରେ ମୂଲ୍ୟବୋଧ, ନୈତିକତା, ସଚ୍ଚୋଟତା ଓ ସତ୍ୟତାକୁ ଗୁରୁତ୍ୱ ଦେଇ ଗଣମାଧ୍ୟମ ଉତ୍ତମ ନାଗରିକ ସଂସ୍କୃତି ନିର୍ମାଣରେ ସହାୟକ ହୋଇଥାଏ । ସମାଜର ତୃଣମୂଳ ସ୍ତରରେ ଥିବା ଲୋକଟିର ସମସ୍ୟାକୁ ଲୋକଲୋଚନକୁ ଆଣିବା ସହ ଗଣତନ୍ତ୍ରର ସୁରକ୍ଷା ଦିଗରେ ଗଣମାଧ୍ୟମର ପ୍ରୟାସ ପ୍ରଶଂସନୀୟ ।

ଚଳିତ ବର୍ଷର ପ୍ରେସ୍ ଦିବସର ବିଷୟବସ୍ତୁ ହେଉଛି 'ସାମାଦିକତା:



କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ସେଠିହୋ ଆରମ୍ଭ
SEITHO ARAMBHA

ସୋମବାର, ୧୬ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୨

ଜନଜାତିଙ୍କ ସାମଗ୍ରିକ ବିକାଶ ପାଇଁ ମୋଦି ସରକାର ପ୍ରାଧାନ୍ୟ ଦେଇଆସୁଛନ୍ତି: ଡ. ସ୍ୱଦେଶ ସିଂହ

ଭୁବନେଶ୍ୱର,୧୫/୧୧ (ଆ.ପ୍ର) : ଶହୀଦ ବିର୍ସା ମୁଣ୍ଡା ୨୫ବର୍ଷ ବୟସରେ ହିଁ ଭାରତର ସ୍ୱାଧୀନତା ସଂଗ୍ରାମରେ ନୂଆପର୍ବ ଯୋଡି ଥିଲେ। ୧୮୫୭ମସିହା ନଭେମ୍ବର ୧୫ତାରିଖରେ ଝାଡଖଣ୍ଡର ରାଂଚି ଜିଲ୍ଲାର ଉଲିହାତୁ ଗାଁରେ ମୁଣ୍ଡା ପରିବାରେ ବିର୍ସା ମୁଣ୍ଡା ଜନ୍ମ ଗ୍ରହଣ କରିଥିଲେ। ୧୮୯୪ରେ ଶ୍ରୀ ମୁଣ୍ଡା ବ୍ରିଟିଶ ଏବଂ ମହାଜାଗା ପରେ ବ୍ରିଟିଶକୁ ଜନତାଙ୍କ ଉପରୁ ଜର ଛାଡ ପାଇଁ ଆନ୍ଦୋଳନ କରିଥିଲେ। ୧୮୯୭ରୁ ୧୯୦୦ ମସିହା ମଧ୍ୟରେ ଶ୍ରୀ ମୁଣ୍ଡା ବ୍ରିଟିଶ ସହ ଲଢ଼େଇ କରିଥିଲେ। ଉନ୍ନବିଂଶ ଶତାବ୍ଦୀରେ ବେଶରେ ଇଂରେଜ ଶାସନ କାଳରେ ବିର୍ସା ମୁଣ୍ଡା ଝାଡଖଣ୍ଡର ସ୍ୱାଧୀନତା ସଂଗ୍ରାମୀଙ୍କୁ ଏକାଠି କରି ବିପୁଳ ଆନ୍ଦୋଳନ କରିଥିଲେ। ଇଂରେଜ ଶାସନ, କୁସଂସ୍କାର, ଅନ୍ଧବିଶ୍ୱାସ ଓ ଜ୍ରାଡଦାସ ପ୍ରଥା ବିରୁଦ୍ଧରେ ଜଣେ ଯୋଦ୍ଧାଭାବେ ଉଦ୍ଭେଳ କରି ଅଦମ୍ୟ ସାହସ ଓ ପ୍ରଶଂସନୀୟ ଉଦାହରଣ ମୂର୍ତ୍ତିମନ୍ତ ପ୍ରତୀକ ପାଲଟି ଥିଲେ।



ଆଦିବାସୀ ଓ ଜନଜାତିଙ୍କ କଲ୍ୟାଣ ପାଇଁ ବିର୍ସା ମୁଣ୍ଡାଙ୍କ ଅନ୍ତର ନିରନ୍ତର କାହୁଥିଲା। ବିର୍ସା ମୁଣ୍ଡା ଦେଶର ସଂସ୍କୃତିର ରକ୍ଷକ ଥିଲେ। ଲୋକଙ୍କୁ ଜଳ, ଜଙ୍ଗଲ ଏବଂ ଜମିର ସୁରକ୍ଷା ପାଇଁ ପ୍ରେରଣା ଯୋଗାଇଥିଲେ ବୋଲି ମାନନୀୟ ରାଷ୍ଟ୍ରୀୟ ସମ୍ମାନକ ଓ ରାଜ୍ୟ ସହ ପ୍ରଗାଢୀ ଡ. ସ୍ୱଦେଶ ସିଂହ କହିଛନ୍ତି। ଜନଜାତି ସମ୍ପ୍ରଦାୟଙ୍କଠାରୁ ଉରଜାନର ଅଞ୍ଚା ପାଇଥିବା ଶହୀଦ ଧରତୀ ଅବା ରାଜାବାନ ବିର୍ସା ମୁଣ୍ଡାଙ୍କ ୧୫୧ତମ ଜନ୍ମ ଜୟନ୍ତୀ ଅବସରରେ ବିଜେପି ଜନଜାତି ମୋର୍ଚ୍ଚା, ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ପକ୍ଷରୁ ଭୁବନେଶ୍ୱର ସାଲିଆ ସାହି ସ୍ଥିତ ହାତିଆଶୁଣୀ ଛକ ନିକଟରେ ଜନଜାତୀୟ ଗୌରବ ଦିବସ ପାଳିତ ହୋଇଛି। ଏହି ଅବସରରରେ ରାଜ୍ୟବାନ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଡ. ସିଂହ କହିଛନ୍ତି ଯେ, ଭଗବାନ ବିର୍ସା ମୁଣ୍ଡା ଯେଉଁ ସମାଜର ସ୍ୱାଭିମାନ, ଅଧିକାର ଓ ସମ୍ମାନ ପାଇଁ ସଂଘର୍ଷ କରିଥିଲେ। ସେହି ସମାଜକୁ ବିକାଶର ମୁଖ୍ୟସ୍ରୋତରେ ସାମ୍ମାନଜନକ ରାଜିଦାରୀ ପ୍ରଦାନ କରିବା ଆଜି ଆମର ଜାତୀୟ ଦାୟିତ୍ୱ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ନେତୃତ୍ୱରେ ଏହି ସରକାର ଜନଜାତି ସମାଜର ସମ୍ମାନ, ଅଧିକାର, ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ଓ ସାମାଜିକ ଆର୍ଥିକ ବିକାଶକୁ ବିଶେଷ ପ୍ରାଥମିକତା ଦେଇଆସୁଛନ୍ତି। ଉରଜାନ ବିର୍ସା ମୁଣ୍ଡା 'ପାରମ୍ପରିକ ଜମି ଅଧିକାର, ସାଂସ୍କୃତିକ ତଥା ଧାର୍ମିକ ବିଶ୍ୱାସର ସୁରକ୍ଷା ପାଇଁ ବ୍ରିଟିଶ ଶାସନ ବିରୁଦ୍ଧରେ ନିରନ୍ତର ସୁଦ୍ଧ କରିଆସିଥିଲେ। ଅଗଷ୍ଟ ୧୮୯୭ ମସିହାରେ ଖୁଂଟି ପୋଲିସ ଷ୍ଟେସନ ଉପରେ ଆକ୍ରମଣ କରିଥିଲେ। ଏ ହ । ପ ରେ ୧୮୯୮ରେ ଡାଙ୍ଗୀ ନଡା ଉପକୂଳରେ ବ୍ରିଟିଶ ସୈନ୍ୟଙ୍କ ସହ ମୁହାଁମୁହିଁ ହୋଇଥିଲେ। ୧୯୦୦ ମସିହା ଜାନୁୟାରୀ ମାସରେ ଡୋମାଡି ପାହାଡ ଉପରେ ପୁନଃଚାଁଦ ବ୍ରିଟିଶ ସୈନିକଙ୍କ ସହ ମୁହାଁମୁହିଁ ହୋଇଥିଲେ। ୧ ଫୁ ମାସ ପରେ ଗିରଫ ହୋଇ ରାଂଚି ଜେଲ୍‌ରେ ରହିଥିଲେ। ଜୁନ୍ ୯ରେ ଡାଗିଖରେ ଡାକ୍ତର ମୃତ୍ୟୁ ହୋଇଥିଲା। ଆଜିର ଦିନରେ ଡାକ୍ତର ଏହି ସ୍ଥିତିକୁ ମନେ ପକାଇ ଦେଶ ପାଇଁ ନିଜକୁ ଉତ୍ସର୍ଗ କରିବାକୁ ଡ. ସିଂହ ଆହ୍ୱାନ ଦେଇଥିଲେ। ଏଥି ସହ ଦେଶ ତଥା ଓଡିଶାର ଜନଜାତି ସମ୍ପ୍ରଦାୟର ବିକାଶ ଓ କଲ୍ୟାଣ ପାଇଁ ମୋଦି ସରକାର ଆଣିଥିବା ବିଭିନ୍ନ ଯୋଜନା ସ୍ତୁତିକର ସୁଫଳ ଯେପରି ପ୍ରତ୍ୟେକ ଜନଜାତି ପରିବାର ପାଖରେ ପହଁଚିପାରିବ ସେଥିପ୍ରତି ସଚେତନ ହେବା ସହ ଯୋଜନାର ଲାଭ ଉଠାଇବାକୁ ଜନଜାତି ସମାଜକୁ ଅନୁରୋଧ କରିବା ସହ ଜନଜାତି ସମାଜର ଉନ୍ନତି, ସଶକ୍ତିକରଣ ଓ ସରକାରୀ ଯୋଜନାର ସଫଳ କ୍ରୂପାୟନ କରିବାପାଇଁ ଜନଜାତି ସମାଜକୁ ଉତ୍‌ବୋଧନ ଦେଇଥିଲେ। ଏହି ଅବସରରେ ରାଜ୍ୟ ଉପସଭାପତି ବିଶ୍ୱ ଦାସ, କରିଷ୍ମ ଆଦିବାସୀ ନେତ୍ରୀ ସୁଶ୍ରୀ ସୁକେଶୀ ଓରାମ, ବିଧାୟକ ବାବୁ ସିଂ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଧାଲି, ପୂର୍ବତନ ବିଧାୟକ ପ୍ରିୟଦର୍ଶିନୀ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଜଗତ୍ଜ୍ୟୋତି ମିଜିପୁରା ଉପାନ୍ତ ଓ ଉଦ୍ୟୋପନା। ଶିକ୍ଷୁମାନଙ୍କ ମାନସିକ ଓ ଶାରୀରିକ ବିକାଶ ସହ ସେମାନଙ୍କ ଅନ୍ତର୍ନିହିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଆୟୋଜିତ ହୋଇଥିବା ବିଭିନ୍ନ ମନୋରଞ୍ଜନ ଓ ସୃଜନଶୀଳ କାର୍ଯ୍ୟକ୍ରମ। କୁନି କୁନି ପିଲାମାନେ ଗୀତ, ନୃତ୍ୟ, ଗଳ୍ପ ଲେଖନ ଓ ବିଭିନ୍ନ ଖେଳକୁଦରେ ଭାଗ ନେଇ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଏଥିସହ ସରକାରଙ୍କ ନିର୍ଦ୍ଦେଶକ୍ରମେ ଶିଶୁମାନଙ୍କୁ ଶୀତ ପୋଷାକ ମଧ୍ୟ ବଂଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଗୋବିନ୍ଦପୁର ଅଙ୍ଗନଓ୍ୱାଡ଼ି କେନ୍ଦ୍ରର କର୍ମୀ ଚନ୍ଦ୍ରିକା ମହାପାତ୍ରଙ୍କ ସଂଚାଳନାରେ ଅନୁଷ୍ଠିତ ସଭାରେ ସଂଘଟନ କମିଟି ଓ ମାତୃ କମିଟିର ସଭ୍ୟସଭ୍ୟା ଏବଂ ଅଭିଭାବକମାନେ ଉପସ୍ଥିତ ରହି ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ଶିଶୁଙ୍କ ଦସରେ ହିଁ ରହିଛି ଆଗାମୀ ସମାଜର ସୁନ୍ଦର ଭବିଷ୍ୟତ। ତେଣୁ ଶିଶୁଙ୍କ ଯତ୍ନ, ସୁରକ୍ଷା, ପୋଷଣ ଓ ଶିକ୍ଷାକୁ ଗୁରୁତ୍ୱ ଦେଇ ଏଭଳି କାର୍ଯ୍ୟକ୍ରମ ଶିଶୁମାନଙ୍କ ମନରେ ନୂଆ ଉତ୍ସାହ ଉତ୍ତିବା ସହ ଆନନ୍ଦ ଓ ଉତ୍ସୁଲ୍ଲତା ପରିବେଶ ସୃଷ୍ଟି କରିଛି।

ଗୋବିନ୍ଦପୁର ଅଙ୍ଗନଓ୍ୱାଡ଼ି କେନ୍ଦ୍ରରେ ଧୁମ୍ଧାମରେ ପାଳିତ ହେଲା ଶିଶୁ ଦିବସ



ବାସୁଦେବପୁର,୧୫/୧୧ (ଆ.ପ୍ର) : ଦର୍ଶକ ବନ୍ଧୁ, ଶିଶୁ ହେଉଛନ୍ତି ଆଗାମୀ ଦିନର ଭବିଷ୍ୟତ। ସେମାନଙ୍କ ମୁହଁରେ ହସ ଫୁଟାଇବା ସହ ଲୁକ୍କାୟିତ ପ୍ରତିଭାର ବିକାଶ ପାଇଁ ପାଳନ କରାଯାଇଛି ଶିଶୁ ଦିବସ। ଏହି ଅବସରରେ ବାସୁଦେବପୁର ବ୍ଲକ ଗୋବିନ୍ଦପୁର ଗ୍ରାମ ପଂଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଅଙ୍ଗନଓ୍ୱାଡ଼ି କେନ୍ଦ୍ରରେ ମହାସମାରୋହରେ ପାଳିତ ହୋଇଛି ଶିଶୁ ଦିବସ। ଏହି ଅବସରରେ ଅଙ୍ଗନଓ୍ୱାଡ଼ି କେନ୍ଦ୍ର ପରିସର ହୋଇଉଠିଥିଲା ଶିଶୁମୟ। କୁନି କୁନି ପିଲାଙ୍କ ମଧ୍ୟରେ ଦେଖାଦେବ ମିଳିମିଳା ଉତ୍ସାହ ଓ ଉଦ୍ଦୀପନା। ଶିଶୁମାନଙ୍କ ମାନସିକ ଓ ଶାରୀରିକ ବିକାଶ ସହ ସେମାନଙ୍କ ଅନ୍ତର୍ନିହିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଆୟୋଜିତ ହୋଇଥିଲା ବିଭିନ୍ନ ମନୋରଞ୍ଜନ ଓ ସୃଜନଶୀଳ କାର୍ଯ୍ୟକ୍ରମ। କୁନି କୁନି ପିଲାମାନେ ଗୀତ, ନୃତ୍ୟ, ଗଳ୍ପ ଲେଖନ ଓ ବିଭିନ୍ନ ଖେଳକୁଦରେ ଭାଗ ନେଇ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଏଥିସହ ସରକାରଙ୍କ ନିର୍ଦ୍ଦେଶକ୍ରମେ ଶିଶୁମାନଙ୍କୁ ଶୀତ ପୋଷାକ ମଧ୍ୟ ବଂଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଗୋବିନ୍ଦପୁର ଅଙ୍ଗନଓ୍ୱାଡ଼ି କେନ୍ଦ୍ରର କର୍ମୀ ଚନ୍ଦ୍ରିକା ମହାପାତ୍ରଙ୍କ ସଂଚାଳନାରେ ଅନୁଷ୍ଠିତ ସଭାରେ ସଂଘଟନ କମିଟି ଓ ମାତୃ କମିଟିର ସଭ୍ୟସଭ୍ୟା ଏବଂ ଅଭିଭାବକମାନେ ଉପସ୍ଥିତ ରହି ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ଶିଶୁଙ୍କ ଦସରେ ହିଁ ରହିଛି ଆଗାମୀ ସମାଜର ସୁନ୍ଦର ଭବିଷ୍ୟତ। ତେଣୁ ଶିଶୁଙ୍କ ଯତ୍ନ, ସୁରକ୍ଷା, ପୋଷଣ ଓ ଶିକ୍ଷାକୁ ଗୁରୁତ୍ୱ ଦେଇ ଏଭଳି କାର୍ଯ୍ୟକ୍ରମ ଶିଶୁମାନଙ୍କ ମନରେ ନୂଆ ଉତ୍ସାହ ଉତ୍ତିବା ସହ ଆନନ୍ଦ ଓ ଉତ୍ସୁଲ୍ଲତା ପରିବେଶ ସୃଷ୍ଟି କରିଛି।

ଜନଜାତୀୟ ଗୌରବ ଦିବସରେ ଉଦ୍‌ଘାଟିତ ହେଲା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ



ଝାଡାଗାଁ ଉମରକୋଟ, ୧୫/୧୧ (ଆ.ପ୍ର) : ଜନଜାତୀୟ ଗୌରବ ଦିବସ ଅବସରରେ ନବରଙ୍ଗପୁର ଜିଲ୍ଲାର ଝାଡାଗାଁ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଉମରକୋଟ ବ୍ଲକର ସିଙ୍ଗିସାଠାରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଶୁଭ ଉଦ୍‌ଘାଟନ ଚଳିତାର ଦିନ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସକାଳ ୧୦ଟା ସମୟରେ ଏକ ସ୍ୱତନ୍ତ୍ର ଉଦ୍‌ଘାଟନୀ ସମାରୋହ ଆୟୋଜିତ ହୋଇଥିଲା। ପ୍ରଥମେ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜିଡିଡ ଜନଟ୍ରେଣ୍ଡିଂ ମାଧ୍ୟମରେ ଏହି ବିଦ୍ୟାଳୟର ଉଦ୍‌ଘାଟନ କରିଥିଲେ। ଏହି ନୂତନ ବିଦ୍ୟାଳୟ ଅଂଚଳର ଜନଜାତି ଉର୍ଦ୍ଧର ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ଯୋଗାଇବା ସହ ସେମାନଙ୍କ ଶିକ୍ଷାସତ ଓ ସାମଗ୍ରିକ ବିକାଶ, କୁଲୁପିତ ପ୍ରତିଭାର ବିକାଶ ତଥା ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଦିଗରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଆଶା ପ୍ରକାଶ ପାଇଛି। ଝାଗାଁ ବିଧାୟକ ନରସିଂହ ଭତ୍ରାଙ୍କ ଉଦ୍‌ବୋଧନରେ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମ ସପ୍ତଦଡାର ସହ ଆୟୋଜିତ ହୋଇଥିଲା। ଏଥିରେ ନବରଙ୍ଗପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷା ବାସନ୍ତୀ ମାଝୀ, ମଣ୍ଡାଙ୍କ ପ୍ରତିନିଧି ଅଶୋକ ପାତ୍ରୀ, ଜିଲ୍ଲା ଅତିରିକ୍ତ ମଜିକ ଅଧିକାରୀ ନିବେଦିତା ବିଶ୍ୱାଳ, ଉମରକୋଟ ଂଗାସଦ ସମିତି ଅଧ୍ୟକ୍ଷା ସୁଶୀଳା ମାଝୀ, ବିଡିଓ ମନୋଜ ମେହେର, ଡାଙ୍ଗୁଗାଁ ଆନା ଅଧିକାରୀ ଲଛମୀ ପୋରଜା, ବିଇଓ ଈଶ୍ୱର ମାଝୀ, ଅତିରିକ୍ତ ଉମରକୋଟ ତହସିଲଦାର ମୌସୁମୀ ସୁନ୍ଦନ, ଉପାଧ୍ୟକ୍ଷ ସାମଲ ସରକାର, ଜିଲ୍ଲା ପରିଷଦ ସଦସ୍ୟା ଚାଲିସ ଭତ୍ରା, ସିଙ୍ଗିସାଗାଁ ସରପଂଚ ତଭା ଭତ୍ରା ଏବଂ ସମିତି ସଭ୍ୟ ବିଜ୍ଞାମଣି ଭତ୍ରାଙ୍କ ସମେତ ବହୁ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ ଓ ଅଂଚଳର ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

ପ୍ରଧାନମନ୍ତ୍ରୀ ଆବାସ ଯୋଜନା : ଓଡ଼ିଶାରେ ଆବାସ ବଂଟନର ଶୁଭାରମ୍ଭ ଅବସରରେ ଭବାନୀପାଟଣା ଜିଲ୍ଲାସ୍ତରୀୟ ସମାରୋହ

କଳାହାଣ୍ଡି, ୧୫/୧୧ (ଆ.ପ୍ର) : ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଗତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଦରାଙ୍କାର ଜିଲ୍ଲା ପଥରପେପା ଠାରେ ଆବାସ ବଂଟନର ଶୁଭାରମ୍ଭ ଅବସରରେ ଆଜି ଭବାନୀପାଟଣା ସ୍ଥିତ ଟାଉନ ହଲ ଠାରେ ଏକ ଜିଲ୍ଲାସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ମାନ୍ୟବର ଲୋକସଭା ସାଂସଦ ମାଳବିକା ଦେବୀ ମୁଖ୍ୟ ଅତିଥି ଏବଂ ଧର୍ମଗଡ଼ ବିଧାୟକ ତଥା ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ସୁଧୀର ରଞ୍ଜନ ପାଟ୍ଟଯୋଶୀ,ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ସୌମ୍ୟ ରଞ୍ଜନ ପ୍ରଧାନ ସମ୍ମାନୀତ ଅତିଥି ତଥା ଅନ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ବୟାନିଧି ନାୟକ, ଭବାନୀପାଟଣା ବ୍ଲକ ଅଧ୍ୟକ୍ଷ ସୁମୁଲ୍ଲ କୁମାର ସାହୁ, ଥୁଆମୂଳ ରାମପୁର ବ୍ଲକ ଅଧ୍ୟକ୍ଷ ବୟାନିଧି ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀମାନେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନିଜ ନିଜର ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ସେ ଅନୁରୋଧ କରିଥିଲେ। ସମସ୍ତ ଯୋଗ୍ୟ ଗରିବ ହିତାଧିକାରୀଙ୍କୁ ପକ୍କା ଘର ଯୋଗାଇଦେବା ଏବଂ କେହି ଯେପରି କଚ୍ଚା ଘରେ ରହିବାକୁ ବାଧ୍ୟ ନ ହୁଅନ୍ତି, ତାହା ସୁନିଶ୍ଚିତ କରିବା ରାଜ୍ୟ ସରକାରଙ୍କ ପଣ କରିଛନ୍ତି ବୋଲି କହିଥିଲେ। ଜିଲ୍ଲାରେ ସମସ୍ତ ୧୩ଟି ବ୍ଲକରେ ୨,୦୩୩,୨୮୫ ପରିବାର ଏହି ଯୋଜନାରେ ସାମିଲ ହେବେ। ଏହି ଯୋଜନାରେ ୩ଟି କିସ୍ତିରେ ୧ ଲକ୍ଷ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ସହ ୪ ମାସ ମଧ୍ୟରେ ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହେଲେ ୨୦,୦୦୦ ଟଙ୍କା ଓ ୬ ମାସ ମଧ୍ୟରେ ଗୃହ ନିର୍ମାଣ ହେଲେ ୧୦,୦୦୦ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ସମସ୍ତ ଅତିଥି ଓ ଉପସ୍ଥିତ ହିତାଧିକାରୀ, ବିଭାଗୀୟ ଅଧିକାରୀ ଆଦିଙ୍କୁ ମାମ୍ନାରେ ଜାଳଂଷରଗ୍ରାୟ ଉତ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଡ଼ି ହୋଇ ମାନ୍ୟବର କେନ୍ଦ୍ରମନ୍ତ୍ରୀ ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଭିଳାଷଣକୁ ଦେଖିଥିଲେ। ପି ଏ, ଆରଟିଡିଏ ଧର୍ମଗଡ଼ ମାଝୀ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବନ୍ଦନ କୁମାର ରୋହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ହରଗୌରୀ ସରକାରୀ ଉ.ପ୍ରା. ବିଦ୍ୟାଳୟରେ ଶିଶୁ ଦିବସ ପାଳିତ



ଜଗତସିଂହପୁର, ୧୫/୧୧ (ଆ.ପ୍ର) : ଜଗତସିଂହପୁର ବ୍ଲକ ମୁଦୁପୁର ପଂଚାୟତର କଲାରପୁ ହରଗୌରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆମ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁଙ୍କ ଜନ୍ମଦିନ ଶିଶୁଦିବସ ଯଥାବିଧି ପାଳିତ ହୋଇଯାଇଛି। ଏହି ସମାରୋହ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଝୁଟାରାଣୀ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶିଷ୍ଟ ଶିକ୍ଷାବିତ୍ ତଥା ସାହିତ୍ୟିକ ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଦେଶପ୍ରେମରେ ଉଦବୁଦ୍ଧ ହେବାକୁ ପରାମର୍ଶ ଦେବା ସହ ପଣ୍ଡିତ ନେହେରୁଙ୍କ ଜୀବନୀ ଓ କର୍ମ ସାଧନ ଉପରେ ଗରୀର ଆଲୋଚନା କରିଥିଲେ। ବରେଣ୍ୟ ଅତିଥି ଗାରେ ବେଦା ନିବୃତ୍ତ ଶିକ୍ଷୟିତ୍ରୀ କବୀ ମନୋରମା ବାଣ୍ଡା ଶିଶୁ ଦିବସର ତାତ୍ପର୍ଯ୍ୟ ଉପରେ ଜଲିତ ଦେଇଥିଲେ। ଛାତ୍ରଛାତ୍ରୀମାନେ ବକ୍ତବ୍ୟ ଦେବାପରେ ଶିକ୍ଷକ ରୁଦ୍ର ପ୍ରସନ୍ନ ପତି, ସୌଗୀ ପ୍ରସାଦ ମିଶ୍ର, ଲଲ୍ଲଚରଣ ବେହେରା ଅଭିଭାଷଣ ଦେଇଥିଲେ। ପଂଚମ ଶ୍ରେଣୀର ୨ଜଣ ବିଦ୍ୟାର୍ଥୀ ବେଦାଂଶୁ ଖଟୁଆ ଏବଂ ଅନୁଷ୍କା ସାମନ୍ତରାୟଙ୍କୁ ମୁଖ୍ୟ ଅତିଥି ପୁଷ୍ପ ଗୁଚ୍ଛ,ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରି ସେମାନଙ୍କୁ ଏମିତି ଗ୍ରାମ ତଥା ବିଦ୍ୟାଳୟ ପାଇଁ ଗର୍ବ ଓ ଗୌରବ ଆଣି ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରେରଣା ଦବାରାବାନ୍ଧୁ ଆଶୀର୍ବାଦ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଗୀତାରାଣୀ ତ୍ରିପାଠୀ ଧନ୍ୟବାଦ ପ୍ରଦାନ କଲାପରେ ସଭାସୀଙ୍କ ହୋଇଥିଲା।

ଶିରୀଗୁଡ଼ା ଏକଲବ୍ୟ ବିଦ୍ୟାଳୟରେ ଭଗବାନ ବିର୍ସାମୁଣ୍ଡା ଜୟନ୍ତୀ ପାଳିତ : ଆଦିବାସୀ ସଂସ୍କୃତି, ପରମ୍ପରା ଓ ବୀରତ୍ୱକୁ ସ୍ମରଣ

ରାୟଗଡ଼, ୧୫/୧୧ (ଆ.ପ୍ର) : ଆଦିବାସୀ ସମାଜର ଗର୍ବ ଓ ଗୌରବ ତଥା ମହାନ ସ୍ୱାଧୀନତା ସଂଗ୍ରାମୀ ଉତ୍ତରାନ ବିର୍ସାମୁଣ୍ଡାଙ୍କ ଜନ୍ମ ଜୟନ୍ତୀ ଅବସରରେ ରାୟଗଡ଼ ସଦର ମହକୁମାସ୍ଥିତ ଶିରୀଗୁଡ଼ା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିସରରେ ଏକ ରଙ୍ଗ ବାର୍ଷିକ୍ସବ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଭଗବାନ ବିର୍ସାମୁଣ୍ଡାଙ୍କ ସଂଘର୍ଷମୟ ଜୀବନ, ତ୍ୟାଗ ଓ ଉତ୍ତିବାନକୁ ସ୍ମରଣ କରାଯାଇଥିଲା। ବ୍ରିଟିଶ ଶାସକ, ଜମିଦାର ଓ ମହାଜନମାନଙ୍କ ଶୋଷଣ ଏବଂ ଆଦିବାସୀଙ୍କ ଜମି ଓ ଜାତିଜା ଉପରେ ଅନ୍ୟାୟପୂର୍ଣ୍ଣ ହସ୍ତକ୍ଷେପ ବିରୋଧରେ ସେ ଆଦିବାସୀ ସମାଜକୁ ସଚେତନ ଓ ସଂଗଠିତ କରିଥିଲେ। ତାଙ୍କର ସଂଘର୍ଷ ଆଜି ମଧ୍ୟ ସମାଜ ପାଇଁ ପ୍ରେରଣାର ଉତ୍ସ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ କାନ୍ତାରା ଆପାରସ୍ୱାମୀ ଦେଇଥିଲେ ଯେ, ବିର୍ସାମୁଣ୍ଡାଙ୍କ ଜେବଦ ଜନ୍ମ ଜୟନ୍ତୀ ଅବସରରେ ସୂରଣ କରିବେଳେ ହେବ ନାହିଁ, ବରଂ ତାଙ୍କ ତ୍ୟାଗ ଓ ବଳିଦାନର ଆଦର୍ଶକୁ ଜୀବନରେ ପ୍ରତିଫଳିତ କରିବା ଆବଶ୍ୟକ। ପ୍ରକୃତିର ଓ ଜଙ୍ଗଲର ସୁରକ୍ଷା ସହ ଆଦିବାସୀ ଛାତ୍ରଛାତ୍ରୀମାନେ ଉପସ୍ଥିତି କାର୍ଯ୍ୟକ୍ରମକୁ ଆହୁରି ଆକର୍ଷଣୀୟ କରିଥିଲା। ବିଇସେସୁ ଓ କଟାଗୁଡ଼ା ଆଶ୍ରମ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଆଦିବାସୀ ପରମ୍ପରିକ ନୃତ୍ୟ ପରିବେଷଣ କରି ଉପସ୍ଥିତ ଅତିଥି ଓ ଦର୍ଶକଙ୍କ ମନ ମୋହିଥିଲେ। ଅନ୍ୟ ଏକ ଉଲ୍ଲେଖନୀୟ ପର୍ବ ଭାବେ ଜିଲ୍ଲାର ଗୌରବ ବଢ଼ାଇଥିବା ୧୦ ଜଣ ପ୍ରତିଭାବାନ ଆଦିବାସୀ ଯୁବକ-ଯୁବତୀଙ୍କୁ ସମ୍ବର୍ଦ



ସମ୍ବାଦକୁ ଆରମ୍ଭ
SEITHO ARAMBHA
ସୋମବାର, ୧୬ ନଭେମ୍ବର, ୨୦୨୬ : ଭାଲେଶ୍ୱର : ପୃଷ୍ଠା - ୩

ସେବା ସମ୍ମାନ ସମାରୋହ ଅନୁଷ୍ଠିତ



ଭଲେଶ୍ୱର, ୧୫/୧୧ (ଆ.ପ୍ର) : ରକ୍ତଦାନ ମହତ ଦାନ । ଏହି ମହତ କାର୍ଯ୍ୟକୁ ପ୍ରଧାନ୍ୟ ଦେଇ ଛିଣ୍ଡି ଯୁବଗୋଷ୍ଠୀ ଏବଂ ଯୁବତୀମାନେ ବିଭିନ୍ନ ଶିବିର ଜରିଆରେ ସ୍ୱତଃସ୍ଫୂର୍ତ୍ତ ରକ୍ତଦାନ କରି ଆସୁଛନ୍ତି । ତେବେ ରକ୍ତଦାନ କରୁଥିବା ଏହି ଯୁବଗୋଷ୍ଠୀ ଏବଂ ମହିଳାମାନଙ୍କୁ ଅନୁପ୍ରାଣିତ କରିବା ଉଦ୍ଦେଶ୍ୟରେ ଆଜି ବକ୍ତା ନିର୍ବାଚନମଣ୍ଡଳୀର ମହିଳା ବିଧାୟିକା ସୁବାସିନୀ ଜେନାଙ୍କ ଲଙ୍ଗଳେଶ୍ୱରସ୍ଥିତ ବାସଭବନରେ 'ରକ୍ତବନ୍ଧୁ' ସେବା ସମ୍ମାନ ସମାରୋହ-୨୦୨୬ ଅନୁଷ୍ଠିତ ହୋଇଯାଇଛି । ଯୁବଛାତ୍ର ନେତା ଗୁଣ୍ଡାଶ୍ରୁ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ବକ୍ତା ନିର୍ବାଚନମଣ୍ଡଳୀର ବିଧାୟିକା ସୁବାସିନୀ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ଗୋବିନ୍ଦ ଚନ୍ଦ୍ର ବାସ, ମହିଳା ନେତ୍ରୀ ସୁଲୋଚା ନାୟକ, ଜିଲ୍ଲା ପରିଷଦ ସଭ୍ୟ ବେଣୁଧର ଜେନା, ନିଶାକର ସେଠୀ, ଶ୍ରୀରାମପୁର ଗ୍ରାମପଂଚାୟତର ସରପଂଚ ଦେବ କୁମାର ଦେ ଏବଂ କୃଷକ ନେତା ଅଜୟ ସାମଲ ପ୍ରମୁଖ ଉପସ୍ଥିତ ଥିଲେ । ଜଣଙ୍କ ଉଦ୍ଭରେ ଅନ୍ୟ ଜଣଙ୍କ ଜୀବନ ବଂଚିପାରେ ବୋଲି ବିଧାୟିକା ଉପସ୍ଥିତ ରକ୍ତଦାତାମାନଙ୍କୁ ବୁଝାଇବା ସହ ଆଗାମୀ ଦିନରେ ମଧ୍ୟ ରକ୍ତଦାନ ଜାରି ରଖିବାକୁ ଉତ୍ସାହିତ କରିଥିଲେ । ଏହି ଅବସରରେ ବିଧାୟିକାଙ୍କ ଦ୍ୱାରା କାର୍ଯ୍ୟକ୍ରମରେ ଉପସ୍ଥିତ ବହୁ ରକ୍ତଦାତାଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବାନିତ ତଥା ଉତ୍ସାହିତ କରାଯାଇଥିଲା ।

ମଧୁବାବୁ ପେନସନ ଯୋଜନାର ନୂତନ ହିତାଧିକାରୀ ମାନଙ୍କୁ ଭତା ବଂଟନ



ନୀଳଗିରି, ୧୫/୧୧ (ଆ.ପ୍ର) : ଅଦ୍ୟ ବିଦା ଗ.୧୦ଟିକା ସମୟରେ ନୀଳଗିରି ପଂଚାୟତ ସମିତି କାର୍ଯ୍ୟାଳୟ ପରିସରରେ ମଧୁବାବୁ ପେନସନ ଯୋଜନାର ନୂତନ ଭାବେ ଯୋଡ଼ି ହୋଇ ଥିବା ହିତାଧିକାରୀଙ୍କୁ ଭତା ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଭାଲେଶ୍ୱରର ସାଂସଦ ତଥା ପୂ.କେନ୍ଦ୍ରମନ୍ତ୍ରୀ, ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବାବେଳେ ସ୍ଥାନୀୟ ବିଧାୟକ ସନ୍ତୋଷ ଜଗୁଆ, ପଂଚାୟତ ସମିତି ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବିକ୍ରମ କେଶରୀ ପରିଡ଼ା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁନସା ସାହୁ,ମଞ୍ଚାସନ ଅଧିକାରୀ ତଥା ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ । ପ୍ରକାଶ ଥାଉଁକି, ଓଡ଼ିଶା ରାଜ୍ୟ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଡିତ ମାସ ୧୦ ତାରିଖରେ ଭାଲେଶ୍ୱର ପୋଲିସ ଲାଇନ ପଡ଼ିଆଠାରେ ଆୟୋଜିତ ସମାରୋହରେ ନୂତନ ଭାବେ ମଧୁବାବୁ ପେନସନ ଯୋଜନାରେ ଯୋଡ଼ି ହୋଇ ଥିବା ରାଜ୍ୟର ୫ ଲକ୍ଷ ୫ ହଜାର ୮୧୭ ହିତାଧିକାରୀଙ୍କ ଭତା ଏବଂ ୟୁ ପି ଏମ ପି ପୋର୍ଟାଲର ଶୁଭାରମ୍ଭ କରିଥିଲେ । ଏହି ଯୋଜନାରେ ନୂତନ ଭାବେ ସାମିଲ ହୋଇ ଥିବା ନୀଳଗିରି ବ୍ଲକ ଅଧିନସ୍ଥ ସମସ୍ତ ପଂଚାୟତରୁ ବିଜିନ୍ନ ବର୍ଗର ବିଧବା, ଦିବ୍ୟାଙ୍ଗ, ବାର୍ଦ୍ଧକ୍ୟ ଜନିତ ମୋଟ ୧୯୫୪ ଜଣ ହିତାଧିକାରୀମାନଙ୍କୁ ମାନ୍ୟବର ସାଂସଦ ତଥା ପୂ.କେନ୍ଦ୍ରମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀ, ବିଧାୟକ ଶ୍ରୀ ଜଗୁଆଙ୍କ ସମେତ ଅନ୍ୟାନ୍ୟ ଭଲେଶ୍ୱର ଅତିଥି ଗଣ ଭତା ବଂଟନ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଏବଂ ଅନ୍ୟାନ୍ୟ ଭଲେଶ୍ୱର ଅତିଥି ଅଭିବୃଦ୍ଧି ଜଣାଇବା, ସରକାରଙ୍କ ଏକ ଅଭିନବ ପ୍ରୟାସ ବୋଲି ମତ ବ୍ୟାକ୍ତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କେଶରୀ ପରିଡ଼ା ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିବାବେଳେ, ମଞ୍ଚକ ସମ୍ପୃକ୍ତ ଅଧିକାରୀ ତଥା ବିଏସଏସ ଶତପଥୀ ମଂଚ ପରିଚାଳନା କରିଥିଲେ । ଏଥିରେ ନୀଳଗିରି ପଂଚାୟତ ସମିତି ଅନ୍ତର୍ଗତ ବିଜିନ୍ନ ଅଂଚଳରୁ ଆସିଥିବା ହିତାଧିକାରୀମାନଙ୍କୁ ସମିତି ଜର୍ମଜର୍ତ୍ତା ସମେତ ସାମ୍ବାଦିକବନ୍ଧୁ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁନସା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ବିର୍ସା ମୁଣ୍ଡାଙ୍କ ସଂଘର୍ଷ ଓ ବଳିଦାନରୁ ପ୍ରେରଣା ନେବାକୁ ଆହ୍ୱାନ



ଭାଲେଶ୍ୱର, ୧୫/୧୧ (ଆ.ପ୍ର) : ମହାନ ଜନଜାତି ନେତା ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ପିଥାପଶିଆ ସରକାରୀ ଏସ୍.ଏସ୍.ବି ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଜନଜାତି ଗୌରବ ଦିବସ ଉପାଳନ ସହ ପାଳିତ ହୋଇଯାଇଛି । ଜନଜାତି ସମାଜର ସ୍ୱାଭିମାନ, ଅଧିକାର, ସଂଘର୍ଷ ଓ ଦେଶ ପ୍ରତି ଐତିହାସିକ ଅବଦାନକୁ ସ୍ମରଣ କରିବା ସହ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଓ ଆତ୍ମବିଶ୍ୱାସ ବଳରେ ଆଗକୁ ବଢ଼ିବାକୁ ଆହ୍ୱାନ ଦିଆଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ ମୁଖ୍ୟ ଅତିଥି ଏବଂ ଜନଜାତି ଉନ୍ନୟନ ପରିଷଦର ଅଧକ୍ଷ ବିପିନ ମାଝୀଙ୍କ ମୁଖ୍ୟତଲ୍ୟ ଭାବେ ଯୋଗଦେଇଥିଲେ । ଦେବାଶିଷ ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ସ୍ଥାନୀୟ ସରପଂଚ ମାନଡା ପ୍ରଧାନ ସମ୍ମାନିତ ଅତିଥି ଥିଲେ । ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ନାଏକ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ଖୁଣ୍ଟିଆ ବିର୍ସା ମୁଣ୍ଡାଙ୍କ ସଂଘର୍ଷମୟ ଜୀବନ, ସାହସ, ନେତୃତ୍ୱ ଓ ଜନଜାତି ସମାଜ ପାଇଁ ତାଙ୍କର ଅବଦାନ ଓ ତ୍ୟାଗକୁ ସ୍ମରଣ କରିଥିଲେ । ଜନଜାତି ସମାଜର ଗୌରବମୟ ଐତିହ୍ୟ ଓ ସଂସ୍କୃତିର ସୁରକ୍ଷା ସହ ନୂତନ ପିଢ଼ି ନିଜ ଅଧିକାର ଓ କର୍ତ୍ତବ୍ୟ ପ୍ରତି ସଚେତନ ହେବା ଆବଶ୍ୟକ ବୋଲି ସେ କହିଥିଲେ । ଜନଜାତି ଛାତ୍ରଛାତ୍ରୀମାନେ ଶିକ୍ଷାକୁ ଜୀବନର ମୁଖ୍ୟ ଅସ୍ତ୍ର କରି ଦୃଢ଼ ମନୋବଳ, ଆତ୍ମବିଶ୍ୱାସ ଓ ପରିଶ୍ରମ ବଳରେ ନିଜ ଉଦ୍ଦିଷ୍ଟ ଗଢ଼ିବା ସହ ସମାଜର ବିକାଶରେ ଭାଗୀଦାର ହେବାକୁ ସେ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ଜନଜାତି ସମାଜର ଐତିହ୍ୟ, ସଂଘର୍ଷ ଓ ସାମାଜିକ ପରିବର୍ତ୍ତନର ସୁରକ୍ଷା ସହ ଶିକ୍ଷା, ସଚେତନତା ଓ ଆତ୍ମନିର୍ଭରଶୀଳତା ଉପରେ ଗୁରୁତ୍ୱ ଦିଆଯାଇଥିଲା । ମଞ୍ଚକ ସାମ୍ପ୍ରସାରଣ ଅଧିକାରୀ ମଧୁଛନ୍ଦା ଗିରି ସଭା ପରିଚାଳନା କରିଥିବା ବେଳେ ଜ୍ଞାନ ରଞ୍ଜନ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଧାନ ଶିକ୍ଷକ ଶ୍ରୀ ନାଏକଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଆୟୋଜନରେ ସହଯୋଗ କରିଥିବେ । ବିର୍ସା ମୁଣ୍ଡାଙ୍କ ବୀରତ୍ୱ, ସ୍ୱାଭିମାନ ଓ ବଳିଦାନକୁ ସ୍ମରଣ କରି ଶିକ୍ଷା ଓ ସଚେତନତା ମାଧ୍ୟମରେ ଏକ ସଶକ୍ତ ଜନଜାତି ସମାଜ ଗଠନ କରିବାର ସଂକଳ୍ପ ଏହି ଦିବସ ପାଳନର ମୁଖ୍ୟ ବାର୍ତ୍ତା ଥିଲା ।

ଜଳେଶ୍ୱରପୁର ସାଂସ୍କୃତିକ ମହୋତ୍ସବ ଉଦଯାପିତ



ରୋଗରାଇ, ୧୫/୧୧ (ଆ.ପ୍ର) : ରୋଗରାଇ ବ୍ଲକ ଜଳେଶ୍ୱରପୁର ପଂଚାୟତର ସେହି ଗ୍ରାମରେ ବାବା ଜଗାଣେଶ୍ୱର ଯୁବକ ସଂଘ ଦ୍ୱାରା ଆୟୋଜିତ ମା' ଶ୍ୟାମାକାଳୀ ପୂଜାଚ୍ଚନା ସହିତ ଜଳେଶ୍ୱରପୁର ସାଂସ୍କୃତିକ ମହୋତ୍ସବ ଉଦଯାପିତ ହୋଇଯାଇଛି । ଯୁବକ ସଂଘର ସଦସ୍ୟ ରାମକୃଷ୍ଣ ବାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷ ପ୍ରତାପ କୁମାର ଗିରି, ମୁଖ୍ୟବକ୍ତା ଅନନ୍ତ ବାସ ଫାଉଣ୍ଡେସନର କାର୍ଯ୍ୟକାରୀ ସଭାପତି ଡଂ. ଅରିନ୍ଦିତ ବାସ, ସମ୍ମାନିତ ଅତିଥି ଏଡିଓ ଜ୍ୟୋତ୍ସ୍ନାରାଣୀ ପଣ୍ଡା, ପସରଡିହି ସରପଂଚ ସୁମନ୍ତ ବେହେରା ପ୍ରମୁଖ ଯୋଗଦେଇ ବ୍ୟକ୍ତବ୍ୟ ପ୍ରଦାନ କରିଥିଲେ। ଜଡି ଡ. ଶ୍ରୀକୁମାର ଘୋଷ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗ୍ରାମ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟାପକ ନାଳକଣ୍ଠ ଖଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ । ଉତ୍ସବ କମିଟିର ସଭାପତି ଲୁଣ୍ଡାଶାଙ୍କ ଜେନା, ସରପଂଚ ବିପୁପ୍ରିୟା ଜେନା, ଉପସଭାପତି ବିଶ୍ୱପଦ ଗିରି, ତପନ ପଣ୍ଡା, ବିଶ୍ୱଜିତ ବାସ, ଅତୁଳ ବାସ, ସଞ୍ଜୀବନ ମଣ୍ଡଳ, ଶିବଶଙ୍କର ଗିରି, ଅଶୋକ ଗଡାରା, ଭାନୁଚରଣ ବାସ, ଗୌରହରି ବାସ, ସୁଜିତ ପ୍ରଧାନ, ଅଧ୍ୟକ୍ଷ ଅନୁପ ସାମଲ, ଶ୍ରୀକାନ୍ତ ଜେନା, ଅତନ୍ତୀ ଜେନା, ରବିନ୍ଦ୍ର ବାଳିକ ଓ ତନମାନୀ ବାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ୧୫୧ତମ ଜନ୍ମଜୟନ୍ତୀ ପାଳିତ

ଭଲେଶ୍ୱର, ୧୫/୧୧ (ଆ.ପ୍ର) : ଜଙ୍ଗଲ, ଜମି, ଜଳ ବାବାକୁ ନେଇ ବ୍ରିଟିଶ୍ ସରକାର ବଢ଼ୁଥିବାରେ ହୋଇଥିବା ଆଦିବାସୀମାନଙ୍କ ଯେଉଁ ସଂଗ୍ରାମ ଜାରି ହୋଇଥିଲା, ତାର ନେତୃତ୍ୱ ନେଇଥିବା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ଜନ୍ମ ଜୟନ୍ତୀ ଓ କୃଷକ ସରକାର ସର୍ବତ୍ତାତ୍ତାୟ ସମ୍ମିଳନୀ ପାଇଁ ଓଡ଼ିଶା କୃଷକ ସଭା ତରଫରୁ ଆଜି ଭଲେଶ୍ୱର ଅଂଚଳର ବିଜିନ୍ନ ଗ୍ରାମାଂଚଳରେ ପତକା ଉତ୍ତୋଳନ ହେବା ସହ ବିର୍ସା ମୁଣ୍ଡାଙ୍କ ଜନ୍ମ ଜୟନ୍ତୀ ପାଳନ ହୋଇଯାଇଛି । ଆଜିର ପରିସ୍ଥିତି ଦେଶ ପାଇଁ ଏକ ସଙ୍କଟମୟ ଅବସ୍ଥା ଦେଖାଦେଇଛି । ଆମ ରାଜ୍ୟର ଖଣିଜ ସମ୍ପଦ,ଜଙ୍ଗଲ,ଜମି ଉପରେ ଏକଚାଟିଆ କମ୍ପାନୀମାନେ ଅଧିପତ୍ୟ ଜମେଇଛନ୍ତି । ସ୍ୱାଧୀନତା ପରେ ଆମ ରାଜ୍ୟରେ ଲକ୍ଷ ଲକ୍ଷ ଆଦିବାସୀ ବିକାଶ ପାଇଁ ବାସ୍ତୁହରା ହୋଇଛନ୍ତି । ସେମାନେ ଆଜିି ନିଜର ସମ୍ପତ୍ତ ଜରାଇବା ପାଇଁ ସ୍ୱଂପ୍ରି କ୍ଷତି ପୂରଣ ପାଇନଥାନ୍ତି । ପ୍ରତିବାଦ କରେ ଆକ୍ରମଣ ସେଉଛି ତ, ସେଉେଦେବେ ଦେଶଦ୍ରୋହୀର ଆଖ୍ୟା ନେବାକୁ ପଡୁଛି । ସଂଗ୍ରାମୀ ବିର୍ସାମୁଣ୍ଡା ଏହି ଲଢ଼େଇକୁ ଆଗେଇ ନେଇଥିଲେ । ଏଣୁ ଆଜି ଆମକୁ ତାଙ୍କର ଅଧୂରା କାର୍ଯ୍ୟକୁ ସଫଳ କରିବାପାଇଁ, ପରକ୍ଷେପ ନେବାକୁ ହେବ ବୋଲି ଆଜିର ହୋଇଥିବା ଆଲୋଚନା ସଭାରେ ବକ୍ତାମାନେ ଉଲ୍ଲେଖ କରିଥିଲେ । ଆଗାମୀର ଲଢ଼େଇକୁ ଅଦୁଉି ସାଣିତ କରିବାପାଇଁ ଆହ୍ୱାନ ଦେଇଥିଲେ । ଭଲେଶ୍ୱର କୃଷକ ସଭା କାର୍ଯ୍ୟାଳୟରେ କୃଷକ ସଭାର ଜିଲ୍ଲା ସମ୍ପାଦକ ବିଜୟ କୁମାର ଗିରି ଲାଲ୍ ପତକା ତଉତୋଳନ ସହ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ତଉତ୍ତୋ ଉଖୁଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉତ୍ତାସୁ ଦାଶିକ, ଜୀବନ ପରିଡ଼ା, ବନ୍ଦନ ଶତପଥୀ, ରତନ ବାସ,ସନାତନ ନୟା,ତନ୍ମୟ ବିଶ୍ୱାଳ, ପ୍ରକାଶ ଦେ, ଲକ୍ଷ୍ମୀଧର ପଲାଲ, ପାଲଟୁ ସାହୁ, ତରଣ ଦାଶ, ସଦାଶିବ ଗୁଇଁ, ଧାରେନ୍ଦ୍ର ଦେ, ଯୋଗେନ୍ଦ୍ର ଦେ ପ୍ରମୁଖ ତଉତ୍ତୋ ଉଖୁଥିଲେ । ଭାଇଗଣ ବାଡ଼ିଆ, ସ୍ୱାମିଠିଆ, ଗୋବରା ଘାଟୀ, ସୁଗୋ, ଫଂଗୁଘାଟୀ, ଗାଡ଼ପୁର, ଗୋପିମୋହନ ପୁର, ପ୍ରଭୃତି ବିଜିନ୍ନ ସ୍ଥାନରେ ପତକା ତଉତୋଳନ କରାଯାଇଥିଲା । ସେହିଭଳି ଜିଲ୍ଲାର ଚେମୁଣ୍ଡା, ନିଜଗିରି, ଓଡପଡା, ଖଡରା ପ୍ରଭୃତି ବିଜିନ୍ନ ସ୍ଥାନରେ ମଧ୍ୟ ପତକା ତଉତୋଳନ ସହ ସଭା ଆୟୋଜିତ ହୋଇଥିଲା ।

ବଳାଙ୍ଗୀ ଡିଗ୍ରୀ ମହାବିଦ୍ୟାଳୟରେ 'ମନା'ର ସଚେତନତା ଶିବିର ଅନୁଷ୍ଠିତ



ଭାଲେଶ୍ୱର, ୧୫/୧୧ (ଆ.ପ୍ର) : ମିଡିଡ ନିଶା ନିବାରଣ ଅଭିଯାନ (ମନା), ଭାଲେଶ୍ୱର ପକ୍ଷରୁ ସ୍ଥାନୀୟ ବଳାଙ୍ଗୀ ଡିଗ୍ରୀ ମହାବିଦ୍ୟାଳୟରେ ନିଶା ବିରୋଧୀ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ସଂଗଠନର ସଭାପତି ଆଇନଜୀବୀ ପ୍ରକାଶ ସାହୁ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ଏକ ସୁସ୍ଥ ସମାଜ ଓ ବିକଶିତ ଭାରତ ଗଠନ ନିମନ୍ତେ ଆଗାମୀ ପିଢ଼ି ବିଶେଷତଃ ଚାତ୍ରଛାତ୍ରୀ ନିଶାସେବନଠାରୁ ଦୂରରେ ରହିବା ଉଚିତ ବୋଲି ସାଧାରଣ ସମ୍ପାଦିକା ମମତା ମହାପାତ୍ର ମତବ୍ୟକ୍ତ କରିଥିଲେ । ଉପଦେଷ୍ଟା ଶ୍ରୀଯୁକ୍ତ ବୁଦ୍ଧଦେବ ରଉତ 'ମନା'ର ଆଜିମୁଖ୍ୟ ଉପରେ ଆଲୋଚନା କରିବା ସହିତ ନିଶା ବିରୋଧୀ ଆନ୍ଦୋଳନରେ ଛାତ୍ରଛାତ୍ରୀମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ବଜ୍ରାକର ସିଂହ ନିଶା ବିରୋଧରେ ପିଢ଼ାମାନଙ୍କୁ ସଚେତନ ହେବା ପାଇଁ ପରାମର୍ଶ ଦେଇଥିଲେ । 'ମନା'ର ସଦସ୍ୟ ପ୍ରରାକର ସାହୁ (ଖ), ଲକ୍ଷ୍ମଣ ବିଶ୍ୱାଳ, ଖୁଣ୍ଟକର ମହାପାତ୍ର, ସଂଯୁକ୍ତା ମହାପାତ୍ର ପ୍ରମୁଖ ନିଶାସେବନର ଭୟାବହତା ସମ୍ପର୍କରେ ବୁଝାଇବା ସହ ପିଢ଼ାମାନେ ଆତ୍ମସଚେତନ ହେଲେ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ସୁରକ୍ଷିତ ହେବ ବୋଲି ବକ୍ତବ୍ୟ ରଖିଥିଲେ । ମହାବିଦ୍ୟାଳୟର ଛାତ୍ରୀ ପ୍ରିୟଙ୍କା ଜେନା, ପ୍ରତିମା ମଲ୍ଲିକ, ସୃତିରେଖା ନନ୍ଦୀ, ଛାତ୍ର ସୌମ୍ୟ ବେହେରା ନିଶାସେବନ ବିରୋଧରେ ସେମାନଙ୍କ ମତ ପ୍ରକାଶ କରିଥିଲେ । ସଂଗଠନ ତରଫରୁ ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଅଧ୍ୟାପକ ପ୍ରଫୁଲ୍ଲ କୁଅଁର, ପ୍ରବୋଧ କୁମାର ପତି, ବିଶ୍ୱଜିତ ପ୍ରଧାନ, ସୁଶାନ୍ତ ଦାସ, ଜଗନ୍ନାଥ ବାରିକ, ଦେବାଶିଷ ଦାଶ, ଅଧ୍ୟାପିକା ଶ୍ରୀମାଳା ଘୋଷ, ଜୟପ୍ରିୟା ପାତ୍ର, କୁଲଜା ଖୁଣ୍ଟାଳ, ନିମିତା ଦତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ସାରଙ୍ଗଧର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

ଚୋରି ଘଟଣାରେ ନାବାଳକଙ୍କୁ ପିଟିପିଟି ହତ୍ୟା ଅଭିଯୁକ୍ତ ବାପ ପୁଅ ଗିରଫ



ନୀଳଗିରି, ୧୫/୧୧ (ଆ.ପ୍ର) : ନୀଳଗିରି ବ୍ଲକ୍ ବଡଜମପୁର ଆନା ଡେବୁନିଆ ଗ୍ରାମରେ ଗତ ଶୁକ୍ରବାର ଏକ ଦୋକାନରେ ଚୋରିକରିବା ଘଟଣାରେ ଜଣେ ନାବାଳକକୁ ପିଟିପିଟି ହତ୍ୟାକରିବା ଅଭିଯୋଗରେ ଅଭିଯୁକ୍ତ ବାପପୁଅକୁ ଗିରଫକରିଛି ବଡଜମପୁର ପୋଲିସ । ପରେ ଉଭୟଙ୍କୁ ଡାକ୍ତର ମାଳନାପରେ, ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇ ଥିବା ଜଣା ଯାଇଛି । ଗତ ଶୁକ୍ରବାର ଅପରାହ୍ନ ପ୍ରାୟ ୧ଟା ସମୟରେ ଡେବୁନିଆ ନିକଟସ୍ଥ ମୁଣ୍ଡସାଡି ଗ୍ରାମର ରାଧାମୋହନ ବାଗସିଂହ ୧୦ବର୍ଷର ନାବାଳକ ପୁଅ ବିନେଶ ଟଂଚାୟତ ନିକଟସ୍ଥ ମାର୍କେଟଟଂଚାୟତ ରେ ଦୋକାନଜରିଥିବା ମାଜସ ବେହେରାଙ୍କ ଦୋକାନକୁ ଚୁଡ଼ି ଆଣିବାପାଇଁ ଯାଇଥିଲେ । ତେବେ ଦୋକାନୀଙ୍କ ଅଜଣାରେ ବିନେଶ ଦୋକାନ କ୍ୟାଶବାକ୍ସରୁ ଟଙ୍କା ଚୋରିକରୁଥିବା ବେଳେ ମାଜସ ବିନେଶକୁ ଅକଥନୀୟ ମାଡମାରି ବେହୋସକରି ଦୋକାନର ଏକ କୋଣରେ ପକାଇଦେଇଥିଲା । ପରେ ମାଜସ ଘରୁ ସାରାଖାଇ ବେହେରାଳୁ ଚାଲି ଯିବାପରେ ପୁଅଟିର ପ୍ରକଟମାତ ମାରିଥାପରେ ଘଟଣାସ୍ଥଳରେ ନାବାଳକର ଜୀବନ ଚାଲିଯାଇଥିଲା । ପରେ ଉକ୍ତ ଖବରିରେ ଖବର ପାଇପୁଅ ବିନେଶର ମୃତଶରୀରକୁ ନେଇ ଦୋକାନ ପଛପାଖରେ ଥିବା ଏକ ଅନିର୍ମାଣ ପକ୍କାଘରେ ପକାଇଦେଇଥିଲେ । ପରଦିନ ଅର୍ଥାତ୍ ଶନିବାର ବିନେଶର ମୃତଶରୀର ଉକ୍ତ ପକ୍କାଘର ପରିସରରେ ଦେଖିବାକୁ ପାଇଥିଲେ । ତେବେ ଏହି ଘଟଣାରେ ଦୋକାନୀ ମାଜସର ଜାତରହିଥିବା ସନ୍ଦେହ ଘନୀଭୂତ ହେବାପରେ ଅଂଚଳରେ ପ୍ରଚର ଉତେଜନା ଦେଖାଯାଇଥିଲା । ଉତ୍ୟଭୁଲୋକେ ଦୋକାନ ଲଙ୍ଗାଉଡା ବରିବାସରିତ ଡାକପୁଅକୁ ସର୍ବସାଧାରଣରେ ପାଖାପାଖୋଳୁ ଅଭିବଯିଥିଲେ । ଶେଷରେ ରାତିପ୍ରାୟ ୧୧ଟା ସମୟରେ ପୋଲିସର ହସ୍ତକ୍ଷେପରେ ଶବକୁ ବ୍ୟବଚ୍ଛେଦ ପାଇଁ ନୀଳଗିରି ହସ୍ପିଟାଲ ନିଆଯାଇଥିଲା । ଆଜି ପୋଷ୍ଟମର୍ଟମ୍ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର ସହିତ ଡେଡବୁର ପାଣ୍ଠିରୁ ୨୦ହଜାର ଟଙ୍କା ପ୍ରଦାନ କରାଯାଇଥିବା ନୀଳଗିରି ଏସଡିପିଓ ନିର୍ମଳ ଗୋଟ୍ଟାୟତ ପ୍ରକାଶ କରିଛନ୍ତି । ଏନେଇ ଡବଲମପୁର ଥାନାରେ ୧୪୮/୨୬ରେ ଦଡ଼ାମାମାମା ରୁଜୁହୋଇ ଅଧିକ ତଦନ୍ତ ଜାରିରହିଥିବା ପୋଲିସ ପ୍ରକାଶ କରିଛି ।

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଓଡ଼ିଶାକୁ ଆଉ ୧ ଲକ୍ଷ ପକ୍କା ଘର, ମୋଟ ଆବାସ ଲକ୍ଷ୍ୟ ୫ ଲକ୍ଷକୁ ବୃଦ୍ଧି



ଭାଲେଶ୍ୱର, ୧୫/୧୧ (ଆ.ପ୍ର) : ରାଜ୍ୟର ଗ୍ରାମାଂଚଳରେ ଆବାସହୀନ ଗରିବ ଓ ଅସହାୟ ପରିବାରଙ୍କୁ ପକ୍କା ଘର ଯୋଗାଇବା ଦିଗରେ ଓଡ଼ିଶାକୁ ମିଳିଛି ଆଉ ଏକ ବଡ଼ ସଫଳତା । ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଅଧୀନରେ ରାଜ୍ୟକୁ ଅତିରିକ୍ତ ଏକ ଲକ

ସମ୍ବାଦ
ଆରମ୍ଭ
SEITHO ARAMBHA
ସୋମବାର, ୧୬ ନଭେମ୍ବର, ୨୦୨୬ : ବାରେଣ୍ଡର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ



ସମ୍ପାଦକୀୟ...

ସାମ୍ବାଦିକତା: ସତ୍ୟ, ସାହସ ଓ ସ୍ୱାଧୀନତାର ସନ୍ଧାନ

ଗଣତନ୍ତ୍ରର ଶକ୍ତି କେବଳ ନିର୍ବାଚନ, ସଂସଦ କିମ୍ବା ସରକାରୀ ବ୍ୟବସ୍ଥାରେ ସୀମିତ ନୁହେଁ । ଗଣତନ୍ତ୍ରର ପ୍ରକୃତ ଶକ୍ତି ହେଉଛି ଜନସାଧାରଣଙ୍କ ସ୍ୱର, ମତପ୍ରକାଶର ସ୍ୱାଧୀନତା ଏବଂ ଶାସକକୁ ପ୍ରଶ୍ନ କରିବାର ସାହସ । ଏହି ଜିନିଷଟିକୁ ଏକ ସ୍ଥୂଳରେ ରକ୍ଷି ରଖିବାର ଗୁରୁଦାୟିତ୍ୱ ହେଉଛି ଗଣମାଧ୍ୟମର । ତେଣୁ ଗଣମାଧ୍ୟମକୁ ଗଣତନ୍ତ୍ରର ଚତୁର୍ଥ ପ୍ରସ୍ତମ୍ଭ ବୋଲି କୁହାଯାଏ । ସମ୍ବାଦିକ ୧୬ ଜାନୁଆରୀ ଜାତୀୟ ପ୍ରେସ୍ ଦିବସ । ୧୯୬୬ ମସିହାରେ ଏହି ଦିନ ଭାରତୀୟ ପ୍ରେସ୍ କାଉନସିଲ୍ ଆରମ୍ଭ କରିଥିଲା । ଭାରତୀୟ ସାମ୍ବାଦିକତାର ସ୍ୱାଧୀନତା, ଦାୟିତ୍ୱବୋଧ ଓ ନୈତିକତାକୁ ସୁଦୃଢ଼ କରିବାର ଏହା ଏକ ଅବସର । କିନ୍ତୁ ଏହି ଦିବସ କେବଳ ଉତ୍ସବ ପାଳନରେ ସୀମିତ ରହିଯା ଉଚିତ ନୁହେଁ । ବରଂ ଆତ୍ମସମୀକ୍ଷାର ଏକ ସୁଯୋଗ ଦେବା ଆବଶ୍ୟକ । ସମୟ ବଦଳିଛି, ସାମ୍ବାଦିକତାର ସ୍ୱରୂପ ବଦଳିଛି । ଛାପା ଖବରକାଗଜରୁ ଟେଲିଭିଜନ, ଟେଲିଭିଜନରୁ ଡିଜିଟାଲ୍ ମିଡିଆ ଏବଂ ଡିଜିଟାଲ୍ ମିଡିଆରୁ ସୋସିଆଲ୍ ମିଡିଆ ପର୍ଯ୍ୟନ୍ତ ଖବରର ଯାତ୍ରା ବ୍ୟାପକ ହୋଇଛି । ଆଜି ଗୋଟିଏ ଖବର କେଉଁ ସେକେଣ୍ଡ ମଧ୍ୟରେ ସାରା ବିଶ୍ୱରେ ପହଞ୍ଚି ପାରୁଛି । କିନ୍ତୁ ପ୍ରଶ୍ନ ହେଉଛି, ଖବରର ଏହି ଦ୍ରୁତଗତି ଭିତରେ ସତ୍ୟର ଗୁରୁତ୍ୱ ଅକ୍ଷୁଣ୍ଣ ରହିଛି ତ ? ଫିଆରପି, ଲାଇକ୍ ଓ ରିଲ୍ସ୍ ର ପ୍ରତିଯୋଗିତା ଆଜି ସାମ୍ବାଦିକତା ସମ୍ମୁଖରେ ଏକ ବଡ଼ ଆହ୍ୱାନ । ଟ୍ରେଣ୍ଡିଂ ନ୍ୟୁଜ୍ ହେବାର ଚାହାଦିରେ ପ୍ରତିଯୋଗିତାରେ ଲେଡେଡେଜେ ଖବରର ସତ୍ୟତା ଓ ପ୍ରମାଣିକତା ପଛରେ ପଡ଼ିଯାଉଛି । ଅନ୍ୟପଟେ ମିଥ୍ୟା ଖବର, ଅପପ୍ରଚାର ଓ ଅର୍ଦ୍ଧସତ୍ୟ ସମାଜରେ ବିପ୍ଳବି ସୃଷ୍ଟି କରୁଛି । ଏଭଳି ସମୟରେ ଗଣମାଧ୍ୟମର ସବୁଠାରୁ ବଡ଼ ପୁଞ୍ଜି ହେଉଛି ତାହାର ବିଶ୍ୱସନୀୟତା । ଥରେ ଏହି ବିଶ୍ୱାସ ହରାଇଲେ ତାହାକୁ ଫେରି ପାଇବା ସହଜ ନୁହେଁ । ସାମ୍ବାଦିକତା କୌଣସି ରାଜନୈତିକ ଦଳ, ସରକାର କିମ୍ବା କର୍ପୋରେଟ୍ ସଂସ୍ଥାର ସ୍ୱାର୍ଥସାଧ୍ୟ ପାଇଁ ନୁହେଁ । ଏହା ଜନସ୍ୱାର୍ଥର ସୁରକ୍ଷା ପାଇଁ । ସରକାରଙ୍କ ଭଲ କାର୍ଯ୍ୟକୁ ପ୍ରଶଂସା କରିବା ଯେତିକି ଆବଶ୍ୟକ, ତ୍ରୁଟିବିଚ୍ୟୁତି ଓ ଅବହେଳାକୁ ନିର୍ଭୀକ ଭାବେ ସାମ୍ନାକୁ ଆଣିବା ମଧ୍ୟ ସେତିକି ଜରୁରୀ । ସେହିପରି ବିରୋଧୀ ଦଳର ଦାବି ଓ ଅଭିଯୋଗକୁ ମଧ୍ୟ ତଥ୍ୟ ଓ ପ୍ରମାଣ ଆଧାରରେ ପରଖିବା ଦରକାର । ନିରପେକ୍ଷତାର ଅର୍ଥ ସମସ୍ତଙ୍କୁ ସମାନ ଭାବେ ପ୍ରଶ୍ନ କରିବା ଏବଂ ସତ୍ୟକୁ ସତ୍ୟ ଭାବେ ଉପସ୍ଥାପନ କରିବା । ଆଜି ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ସାମ୍ବାଦିକଙ୍କ ସୁରକ୍ଷା ଓ ସ୍ୱାଧୀନତା । ବିଶେଷକରି ଜିଲ୍ଲା ଓ ଗ୍ରାମାଞ୍ଚଳରେ କାର୍ଯ୍ୟରତ ସାମ୍ବାଦିକମାନେ ସୀମିତ ସମ୍ବଳ, ଆର୍ଥିକ ଅନିଶ୍ଚିତତା ଓ ବିଭିନ୍ନ ଚାପ ମଧ୍ୟରେ କାର୍ଯ୍ୟ କରୁଛନ୍ତି । ଅନେକ ସମୟରେ ନିଜ ସୁରକ୍ଷାକୁ ବାଜି ଲଗାଇ ସେମାନେ ଜନସାଧାରଣଙ୍କ ସମସ୍ୟାକୁ ସାମ୍ନାକୁ ଆଣୁଛନ୍ତି । ସେମାନଙ୍କ ପାଇଁ ସୁରକ୍ଷିତ କାର୍ଯ୍ୟପରିବେଶ, ଉପଯୁକ୍ତ ପରିଚୟପତ୍ର ଓ ସାମାଜିକ ସମ୍ମାନ ନିସିଦ୍ଧ କରିବା ଆଜିର ସମୟର ଆବଶ୍ୟକତା । କୃତ୍ରିମ ବୁଦ୍ଧିମତ୍ତା ବା ଏଆଇର ଆଗମନ ସାମ୍ବାଦିକତା ପାଇଁ ନୂଆ ସମ୍ଭାବନା ସୃଷ୍ଟି କରିଛି । ଏହା ଖବର ସଂଗ୍ରହ, ତଥ୍ୟ ବିଶ୍ଳେଷଣ ଓ ପ୍ରସାରଣକୁ ସହଜ କରିପାରେ । କିନ୍ତୁ ଏଆଇ ଦ୍ୱାରା ସୃଷ୍ଟି ହେଉଥିବା ନକଲି ଚିତ୍ର, ଭିଡିଓ ଓ ମିଥ୍ୟା ତଥ୍ୟ ମଧ୍ୟ ଏକ ନୂଆ ବିପଦ । ତେଣୁ ଆର୍ଟିଫିକ୍ସାଲ ଇଣ୍ଟେଲିଜେନ୍ସର ବ୍ୟବହାର ସହିତ ମାନବୀୟ ବିବେକ, ନ୍ୟାୟବୋଧ ଦାୟିତ୍ୱ ଓ ତଥ୍ୟ ଯାଞ୍ଚର ଗୁରୁତ୍ୱ କେତେ ହ୍ରାସ ପାଇବା ଉଚିତ ନୁହେଁ । ଖବରକାଗଜର ଭୂମିକା ଏବେ ବି ସ୍ୱତନ୍ତ୍ର । ଡିଜିଟାଲ୍ ମାଧ୍ୟମର ଦ୍ରୁତ ପ୍ରସାର ସତ୍ତ୍ୱେ ମୁଦ୍ରିତ ଖବରକାଗଜ ଆଜି ମଧ୍ୟ ତଥ୍ୟଭିତ୍ତିକ ଆଲୋଚନା, ବିଶ୍ଳେଷଣ ଓ ଗଭୀର ସାମାଜିକ ଚିନ୍ତନର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ । ବିଶେଷକରି ଓଡ଼ିଆ ଖବରକାଗଜଗୁଡ଼ିକ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଆଂଚଳିକ ସମସ୍ୟାକୁ ଲୋକଲୋଚନକୁ ଆଣିବାରେ ଅତୁଳନୀୟ ଭୂମିକା ନିର୍ବାହ କରୁଛନ୍ତି । ଆଂଚଳିକ ସାମ୍ବାଦିକତା ହିଁ ଅନେକ ଅଘୋଷିତ ଆଂଚଳର ଲୋକଙ୍କୁ ନିଜ କଥା କହିବାର ମଂଚ ଦେଇଥାଏ । ଜାତୀୟ ପ୍ରେସ୍ ଦିବସରେ ଆମକୁ ଏହା ମଧ୍ୟ ମନେ ରଖିବାକୁ ହେବ ଯେ, ସ୍ୱାଧୀନତା ସହିତ ଦାୟିତ୍ୱ ମଧ୍ୟ ଜଡ଼ିତ । ସାମ୍ବାଦିକଙ୍କ କଲମ ଯେତେ ଶକ୍ତିଶାଳୀ, ତାଙ୍କର ଦାୟିତ୍ୱ ମଧ୍ୟ ସେତେ ବଡ଼ । କାହାର ସମ୍ମାନ, ସମ୍ଭ୍ରମର ଖାତି ଓ ଜନସାଧାରଣଙ୍କ ବିଶ୍ୱାସ ସହିତ ଖେଳିବାର ଅଧିକାର ଆହାରର ନାହାଣି ନାହିଁ । ସାମ୍ବାଦିକତାର ଉଦ୍ଦେଶ୍ୟ କେବଳ ଖବରାଖବର ପରିବେଷଣ କରିବା ନୁହେଁ, ଘଟଣା ପଛରେ ଥିବା ସତ୍ୟକୁ ଖୋଜିବା । କେବଳ ଖବର ନୁହେଁ, ଖବର ପଛର ଖବରକୁ ଲୋକଙ୍କ ସାମ୍ନାକୁ ଆଣିବା ହିଁ ପ୍ରକୃତ ସାମ୍ବାଦିକତା । ଆଜିର ଦିନରେ ଆମର ସଂକଳ୍ପ ହେଉ—କଲମ ସମ୍ଭାଳ ଆଗରେ କଳିଜ ନଇଁବ ନାହିଁ, ସତ୍ୟ ପ୍ରଲୋଭନ ଆଗରେ ବିକ୍ରି ହେବ ନାହିଁ ଏବଂ ଜନସ୍ୱାର୍ଥର ସ୍ୱର କେତେ ନିରବ ହେବ ନାହିଁ । ଜାରଣ ସାମ୍ବାଦିକତାର ସଫଳତା କେତେ ଖବର ପ୍ରକାଶ କରାଗଲା, ସେଥିରେ ନୁହେଁ; ବରଂ କେତେ ସତ୍ୟ ଲୋକଙ୍କ ସାମ୍ନାକୁ ଆସିଲା ଏବଂ ସମାଜରେ କେତେ ସକାରାତ୍ମକ ପରିବର୍ତ୍ତନ ଆଣିଲା, ସେଥିରେ ନିହିତ । କଲମର ସ୍ୱାଧୀନତା ରହିଲେ ଗଣତନ୍ତ୍ରର ସ୍ୱର ଜୀବନ୍ତ ରହିବ । ସତ୍ୟର ସାହସ ରହିଲେ ସାମ୍ବାଦିକତାର ଗରିମା ଅକ୍ଷୁଣ୍ଣ ରହିବ । ଜାତୀୟ ପ୍ରେସ୍ ଦିବସରେ ଏହା ହିଁ ଆମର ଆଶା, ଆମର ଅହ୍ୱାନ ଓ ଆମର ସଂକଳ୍ପ ।

ନାରୀର ଉଡ଼ାଣରେ ଅଦୃଶ୍ୟ ଶୃଙ୍ଖଳ

॥ ପର୍ଶୁରାମ ଦାସ ॥

ଆକାଶକୁ ଛୁଇଁବାର ସ୍ୱପ୍ନ ଦେଖୁଛି ଆଜିର ନାରୀ । ତା'ର ହାତରେ ଶିକ୍ଷାର ମଶାଲ, ଆଖିରେ ଆତ୍ମନିର୍ଭରଶୀଳତାର ସ୍ୱପ୍ନ ଏବଂ ମନରେ ନିଜ ପରିଚୟ ସୃଷ୍ଟି କରିବାର ଅଦମ୍ୟ ଆକାଂକ୍ଷା । ଘରର ଚାରିକାନ୍ଥ ଡେଇଁ ସେ ଆଜି ମହାକାଶକୁ ମାପି ପାରିଛନ୍ତି, ପ୍ରଶାନ୍ତନରୁ ବିଜ୍ଞାନ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ନିଜର ସାମର୍ଥ୍ୟ ପ୍ରମାଣିତ କରିଛି । ତଥାପି ଯେଉଁ ସମାଜ ତା'ର ସ୍ୱପ୍ନକୁ ସୀମା ମଧ୍ୟରେ ରାଖି ରକ୍ଷଣାବେକ୍ଷଣ କରୁଛି, ଆଜି ସେହି ସମାଜ ନାରୀର ସଫଳତାର ଜୟଗାନ କରୁଛି । କିନ୍ତୁ ଏହି ଜୟଗାନର ଆଡ଼ୁଆଳରେ ଲୁଚି ରହିଛି କେତେ ଅଦୃଶ୍ୟ ଶୃଙ୍ଖଳ । କେତେ ଅଦୃଶ୍ୟ ପ୍ରତିବନ୍ଧକ ଓ କେତେ ଅସମାପ୍ତ ସଂଘର୍ଷ ! ଯେଉଁ ନାରୀ ନିଜ ଯୋଗ୍ୟତା ବଳରେ ଆକାଶକୁ ଛୁଇଁବାକୁ ଚାହୁଁଛି, ତା'ର ପଥରେ ଆଜି ବି ସାମାଜିକ ମାନସିକତା, ନିଯୁକ୍ତିଗତ ବୈଷମ୍ୟ ଓ ଅସୁରକ୍ଷାର ଅଦୃଶ୍ୟ ଶୃଙ୍ଖଳ ରହିଛି । ତେଣୁ ପ୍ରଶ୍ନ ଉଠେ, ନାରୀର ଉଡ଼ାଣକୁ ଆମେ ପ୍ରକୃତରେ ମୁକ୍ତ ଆକାଶ ଦେଇପାରିଛୁ ତ ?

ଆଜିର ଝିଅମାନେ ଉଚ୍ଚଶିକ୍ଷା ହାସଲ କରୁଛନ୍ତି । ବିଜ୍ଞିନ୍ନ ବୃତ୍ତିଗତ ପାଠ୍ୟକ୍ରମରେ ନିଜକୁ ପ୍ରସ୍ତୁତ କରୁଛନ୍ତି । ଡିଗ୍ରୀ, ଡିପ୍ଲୋମା ଓ ବୈଷୟିକ ଜ୍ଞାନ ଥାଇ ମଧ୍ୟ ଅନେକଙ୍କ ପାଇଁ ଉପଯୁକ୍ତ ଚାକିରିଟିଏ ସ୍ୱପ୍ନ ହୋଇ ରହିଯାଉଛି । ବିଶେଷକରି ସହରାଂଚଳରେ ଶିକ୍ଷିତ ମହିଳାଙ୍କ ନିଯୁକ୍ତି ସମସ୍ୟା ଏକ ଗମ୍ଭୀର ସାମାଜିକ ଓ ଅର୍ଥନୈତିକ ପ୍ରସଙ୍ଗ । କେବଳ ଶିକ୍ଷାଗତ ଯୋଗ୍ୟତା ନୁହେଁ, ନିଯୁକ୍ତିଦାତାଙ୍କ ମାନସିକତା ମଧ୍ୟ ଏଥିପାଇଁ ଦାୟୀ । ବିବାହ, ମାତୃତ୍ୱ, ପରିବାରିକ ଦାୟିତ୍ୱ ଓ ଦାର୍ଜିଳାଳିନ ଚାକିରିରେ ନିରବନ୍ତରତାକୁ ନେଇ ମହିଳା ପ୍ରାର୍ଥୀଙ୍କ ଯୋଗ୍ୟତା ଉପରେ ପ୍ରଶ୍ନବାଚକ ସନ୍ଦେହ କରାଯାଏ । କେତେକ କ୍ଷେତ୍ରରେ ସମାନ ଯୋଗ୍ୟତା ଓ ଦକ୍ଷତା ଥାଇ ମଧ୍ୟ ମହିଳାଙ୍କୁ ପୁରୁଷଙ୍କ ତୁଳନାରେ କମ୍ ସୁଯୋଗ ମିଳେ । ଏହି ମାନସିକତା ବଦଳିବା ଅତ୍ୟନ୍ତ ଜରୁରୀ । ମହିଳାଙ୍କୁ ନିଯୁକ୍ତି ଦେବା କୌଣସି ଅନୁକମ୍ପା ନୁହେଁ; ଏହା ତାଙ୍କର ଯୋଗ୍ୟତା ଓ ଅଧିକାରର ସ୍ୱୀକୃତି ।

ମହିଳାଙ୍କୁ କର୍ମକ୍ଷେତ୍ରରେ ଯୌନ ଉତ୍ପୀଡ଼ନରୁ ସୁରକ୍ଷା ଦେବା ପାଇଁ ୨୦୧୩ ମସିହାରେ POSH ଆଇନ ପ୍ରଣୟନ କରାଯାଇଥିଲା । ଏହାର ଉଦ୍ଦେଶ୍ୟ ଥିଲା ପ୍ରତ୍ୟେକ କର୍ମଜୀବୀ ମହିଳାଙ୍କୁ ଏକ ସୁରକ୍ଷିତ, ସମ୍ମାନଜନକ ଓ ଉତ୍ପୀଡ଼ନମୁକ୍ତ କାର୍ଯ୍ୟପରିବେଶ ଯୋଗାଇଦେବା । ପ୍ରତିଷ୍ଠାନଗୁଡ଼ିକରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ, ଅଭିଯୋଗର ନିରପେକ୍ଷ ତଦନ୍ତ ଓ ଆବଶ୍ୟକ ପଦକ୍ଷେପ ଏହି ଆଇନର ମୁଖ୍ୟ ବ୍ୟବସ୍ଥା । କିନ୍ତୁ ଆଇନ ପ୍ରଣୟନ ଓ ତାହାର ବାସ୍ତବ କାର୍ଯ୍ୟାନ୍ୱୟନ ମଧ୍ୟରେ ଆଜି ବି ଅନେକ ଦୂରତା ରହିଛି । ଅନେକ ପ୍ରତିଷ୍ଠାନରେ ଅଭିଯୋଗ କମିଟି କେବଳ କାଗଜପତ୍ରରେ ସୀମିତ । କେତେକ ସ୍ଥାନରେ ଅଭିଯୋଗ ଜଣେ ଚାକିରି ହରାଇବା, ବଦଳାମ ହେବା କିମ୍ବା ମାନସିକ ନିର୍ଯାତନାର ଶିକାର ହେବାର ଭୟ ମହିଳାଙ୍କୁ ନିରବ ରହିବାକୁ ବାଧ୍ୟ କରେ । ଏହାଠାରୁ ଦୁର୍ଭାଗ୍ୟଜନକ ଥ୍ରିଡି ଆଉ କ'ଣ ହୋଇପାରେ ? ଯେଉଁଠି ଜଣେ ମହିଳା ନିଜର ସମ୍ମାନ ଓ ସୁରକ୍ଷା ପାଇଁ ଅଭିଯୋଗ କରିବାକୁ ଭୟ କରନ୍ତି, ସେଠାରେ ଆଇନର ଅସ୍ତିତ୍ୱ ଥିଲେ ମଧ୍ୟ ତାହାର ଉଦ୍ଦେଶ୍ୟ ସଫଳ ହୁଏ ନାହିଁ । ତେଣୁ ଆଇନର ପ୍ରଚାର ସହିତ ତାହାର ନିୟମିତ ତଦାରଖ, ସତେତନତା ଓ ନିରପେକ୍ଷ କାର୍ଯ୍ୟାନ୍ୱୟନ ଜରୁରୀ ।

ଜଣେ କର୍ମଜୀବୀ ମହିଳାଙ୍କ ଜୀବନ କେବଳ କାର୍ଯ୍ୟାଳୟର ଦାୟିତ୍ୱ ମଧ୍ୟରେ ସୀମିତ ନୁହେଁ । ଘରର ଗୋଷ୍ଠେଇ, ପରିବାରର ଯତ୍ନ, ସନ୍ତାନଙ୍କ ପାଠପଢ଼ା, ବୟସ୍କଙ୍କ ସେବା ଓ ଅନ୍ୟାନ୍ୟ ଦାୟିତ୍ୱ ମଧ୍ୟ ତାଙ୍କୁ ବୁଝାଇବାକୁ ପଡ଼େ । ଅଫିସରୁ ଫେରିବା ପରେ ମଧ୍ୟ ତାଙ୍କ କାର୍ଯ୍ୟଦିବସ ଶେଷ ହୁଏ ନାହିଁ । ଅନେକ ସମୟରେ ପରିବାରର ଅନ୍ୟ ସଦସ୍ୟମାନେ ଏହି ଅଦୃଶ୍ୟ ଶ୍ରମର ମୂଲ୍ୟ ବୁଝିପାରନ୍ତି ନାହିଁ । ବିଜ୍ଞେଷକରି ଛୋଟ ପିଲାଙ୍କ ମାଆମାନଙ୍କ ସମସ୍ୟା ଅଧିକ ଜଟିଳ । ଶିଶୁର ଯତ୍ନ ନେବା ପାଇଁ ଉପଯୁକ୍ତ ଡେ-କେୟାର କେନ୍ଦ୍ରର ଅଭାବ, ଅଧିକ ଖର୍ଚ୍ଚ, କାର୍ଯ୍ୟସମୟର ଅନମନୀୟତା ଓ ପରିବାରର ଆବଶ୍ୟକ ସହଯୋଗ ନ ମିଳିବା ସେମାନଙ୍କୁ ଅନେକ ସମୟରେ ମାନସିକ ଚାପରେ ରଖେ । ଫଳରେ କେତେକ ମହିଳା ନିଜର ବୃତ୍ତିଗତ ସ୍ୱପ୍ନକୁ ଅଧାରେ ଛାଡ଼ିଦେଇ ବାଧ୍ୟ ହୁଅନ୍ତି ।

ଏଠାରେ ଗୋଟିଏ କଥା ମନେ ରଖିବା ଉଚିତ—ସନ୍ତାନ ପାଳନ କେବଳ ମାଆର ଦାୟିତ୍ୱ ନୁହେଁ; ଏହା ଗର୍ଭର ପିତାମାତାଙ୍କ ସମାନ ଦାୟିତ୍ୱ । ପରିବାରରେ ଦାୟିତ୍ୱର ସମାନ ବଂଟନ ଓ କର୍ମକ୍ଷେତ୍ରରେ ସହାନୁଭୂତିଶୀଳ ମନୋଭାବ ରହିଲେ ଏହି ସମସ୍ୟାର ଅନେକ ସମାଧାନ ସମ୍ଭବ । ମହିଳାଙ୍କ ପାଇଁ ନିଯୁକ୍ତି ସୁଯୋଗ ବୃଦ୍ଧି, ଦକ୍ଷତା ବିକାଶ, ସମାନ କାମ ପାଇଁ ସମାନ ଦରମା, ନିରାପଦ ଯାତାୟାତ, ଶିଶୁ ଯତ୍ନ କେନ୍ଦ୍ର ଓ ଅନୁକୂଳ କାର୍ଯ୍ୟସମୟ ଆଦି ବ୍ୟବସ୍ଥାକୁ ଗୁରୁତ୍ୱ ଦେବାକୁ ପଡ଼ିବ । ସରକାରୀ ଓ ବେସରକାରୀ ପ୍ରତିଷ୍ଠାନ ଏ ଦିଗରେ ନିଜର ଦାୟିତ୍ୱ ନିଷ୍ଠାର ସହ ନିର୍ବାହ କରିବା ଆବଶ୍ୟକ ।

ଜେଡର ଅଜ୍ଞାନ ଓ ସରକାରୀ ଯୋଜନା ଦ୍ୱାରା ଏହି ପରିବର୍ତ୍ତନ ସମ୍ଭବ ନୁହେଁ । ପରିବାରରୁ ଆରମ୍ଭ କରି ଶିକ୍ଷାନୁଷ୍ଠାନ, କର୍ମକ୍ଷେତ୍ର ଓ ସମଗ୍ର ସମାଜରେ ମହିଳାଙ୍କ ପ୍ରତି ସମ୍ମାନଜନକ ଦୃଷ୍ଟିଭଙ୍ଗୀ ଗଢ଼ି ଉଠିବା ଦରକାର । ଝିଅକୁ ଶିକ୍ଷିତ କରିବା ସହିତ ତାକୁ ନିଜ ନିଷ୍ପତ୍ତି ନେବାର ସ୍ୱାଧୀନତା ଦେବାକୁ ହେବ । ପୁଅମାନଙ୍କୁ ମଧ୍ୟ ଛୋଟବେଳୁ ଲିଙ୍ଗଗତ ସମାନତା, ମହିଳାଙ୍କ ସମ୍ମାନ ଓ ପରିବାରିକ ଦାୟିତ୍ୱର ମହତ୍ୱ ଶିଖାଇବା ଆବଶ୍ୟକ । ପ୍ରକୃତରେ ମହିଳା ସଶକ୍ତୀକରଣର ଅର୍ଥ କେବଳ ମଂଚରେ ନାରୀଶକ୍ତିର ପ୍ରଶଂସା କରିବା ନୁହେଁ; ବରଂ ତାକୁ ନିଜ ସାମର୍ଥ୍ୟ ଅନୁଯାୟୀ ଆଗକୁ ବଢ଼ିବାର ସୁଯୋଗ ଦେବା । ତାଙ୍କ ଯୋଗ୍ୟତାକୁ ସ୍ୱୀକାର କରିବା, ତାଙ୍କ ସ୍ୱାଧୀନତାକୁ ସମ୍ମାନ ଦେବା ଏବଂ ତାଙ୍କ ସୁରକ୍ଷା ପ୍ରତି ସଂଜାଗ ଦାୟିତ୍ୱବାନ କରିବା ।

ଯେଉଁ ସମାଜରେ ଜଣେ ମହିଳା ନିଜ ଯୋଗ୍ୟତା ଥାଇ ମଧ୍ୟ ଚାକିରି ପାଇଁ ସଂଘର୍ଷ କରେ, କର୍ମକ୍ଷେତ୍ରରେ ଅସମାନ ବେତନ ଏବଂ ପଦୋନ୍ନତି ଓ ପେସା ମଧ୍ୟରେ ନିଜକୁ ଅଜଣାଦିଏ, ସେହି ସମାଜର ପ୍ରଗତି ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ । ମହିଳାଙ୍କୁ ସୁଯୋଗ ଦେବା ମାନେ ପୁରୁଷଙ୍କର ସୁଯୋଗ ହ୍ରାସ କରିବା ନୁହେଁ; ବରଂ ସମାଜର ସାମଗ୍ରିକ ବିକାଶର ଦ୍ୱାର ଉନ୍ମୁକ୍ତ କରିବା । ମହିଳାଙ୍କ ଶିକ୍ଷା, ନିଯୁକ୍ତି, ସୁରକ୍ଷା ଓ ସମ୍ମାନ ଯେତେ ସୁଦୃଢ଼ ହେବ, ରାଷ୍ଟ୍ରର ଅର୍ଥନୈତିକ ଓ ସାମାଜିକ ଭିତ୍ତି ସେତେ ମଜବୁତ ହେବ ନାରୀଙ୍କୁ ସମ୍ମାନ ଦେବାର ପୌରାଣିକ ନୁହେଁ, ଆଜି ସମୟ ସୁଯୋଗ ଓ ସୁରକ୍ଷିତ ଜୀବନ ଦେବାର ବାସ୍ତବ ପ୍ରତିବଦ୍ଧତା ହିଁ ଏକ ପ୍ରଗତିଶୀଳ ସମାଜର ପରିଚୟ ।

ବରିଷ୍ଠ ଶିକ୍ଷକ, ଚାରାଦୁଇ ହାଇସ୍କୁଲ, ଲୋଇରାଇ, ବାରେଣ୍ଡର
ଦୂରଭାଷ :୯୩୪୮୬୯୫୪୦୪

ପ୍ରେମାବତାର ଶ୍ରୀସତ୍ୟସାଇ

॥ ଶ୍ରୀମତୀ ବିଜୟଲକ୍ଷ୍ମୀ ଶତପଥୀ ॥

ଯୁଗେ ଯୁଗେ ଧର୍ମାଚରଣରେ ଗ୍ଲାନୀ ହେଲେ ଭଗବାନ ଧରା ପୃଷ୍ଠକୁ ଅବତରି ଆମନ୍ତି ଧର୍ମ ସଂସ୍ଥାପନା ପାଇଁ । ପ୍ରତି ଯୁଗରେ ତାଙ୍କ ଧର୍ମ ସଂସ୍ଥାପନାର ଶୈଳୀ ଯୁଗ ଅନୁରୂପ ଏବଂ ଅନନ୍ୟ । ପ୍ରଭୁ ଶ୍ରୀରାମ ଓ ଶ୍ରୀକୃଷ୍ଣ ଅବତାରରେ ଆସିଥିଲେ, ପ୍ରଭୁ ସଂସ୍ଥାର କରି ଧର୍ମ ସଂସ୍ଥାପନା ପାଇଁ । କୋଦଣ୍ଡ ତଥା ସୁଦର୍ଶନ ଚକ୍ର ଥିଲା ତାଙ୍କ ଆୟୁଧ । କିନ୍ତୁ କଳି ଯୁଗରେ ଯେତେବେଳେ ପ୍ରତି ବ୍ୟକ୍ତି ମଧ୍ୟରେ ଦାନବ ପ୍ରବୃତ୍ତିର ପ୍ରାବଲ୍ୟ ରହିଛି, ଆମକୁ ଦାନବ ପ୍ରବୃତ୍ତିର କବଳରୁ ମାନବକୁ ଏବଂ ମାନବକୁ ମାଧବକୁ ଉତ୍ତରିତ କରିବାକୁ ଭଗବାନ ଅବତରି ଆସିଛନ୍ତି ଶ୍ରୀ ସତ୍ୟସାଇ ରୂପରେ କେବଳ ପ୍ରେମକୁ ଆୟୁଧ କରି । ଏହି ଅବତାର ସଂସ୍ଥାର ପାଇଁ ନୂଆ ଦିବ୍ୟ ପ୍ରେମର ସ୍ୱର୍ଣ୍ଣରେ ସଂସ୍ଥାର ପାଇଁ । ପ୍ରେମ ସ୍ୱରୂପକ ଅନନ୍ତ ପ୍ରେମର ସ୍ୱର୍ଣ୍ଣ କେତେ ଯେ ହୃଦୟକୁ ରୂପାନ୍ତରିତ କରିଛି ତାର ପରାନ୍ତର ନାହିଁ । ତ୍ରେତାଯୁଗରେ ପ୍ରଭୁ ଶ୍ରୀରାମ ସତ୍ୟ ଓ ଧର୍ମକୁ ନେଇ, ଦ୍ୱାପରରେ ଶ୍ରୀକୃଷ୍ଣ ପ୍ରେମ ଓ ଶାନ୍ତିକୁ ନେଇ ଅବତରି ଆସିଥିଲେ ତେବେ କଳି ଯୁଗ ଅବତାର ଭଗବାନ ଶ୍ରୀ ସତ୍ୟସାଇ ତାହା ସତ୍ୟ, ଧର୍ମ, ଶାନ୍ତି ଓ ପ୍ରେମର ବାର୍ତ୍ତା ନେଇ ଧରା ଧାମକୁ ଆସିଛନ୍ତି । ପ୍ରଭୁ ହାତରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଧରି ଆସି ନାହାନ୍ତି, ସତ୍ୟ ତାଙ୍କର ଶଙ୍ଖ, ଧର୍ମ ତାଙ୍କ ଚକ୍ର, ଶାନ୍ତି ଗଦା ଏବଂ ପ୍ରେମ ତାଙ୍କର ପଦ୍ମ । ଭଗବାନ କହନ୍ତି, ସତ୍ୟ ମୋର ଆଚାର, ଧର୍ମ ମୋର ପ୍ରଚାର, ଶାନ୍ତି ମୋର ସ୍ୱରୂପ ଓ ପ୍ରେମ ମୋର ସ୍ୱରୂପ । ଦୁଃଖୀ ଦରିଦ୍ର ନିଃଷ୍ପେରିତଙ୍କୁ ପ୍ରେମର ଔଷଧ ଦେଇ ଜୀବନକୁ ଆନନ୍ଦମୟ କରିବାକୁ ସେହି ଦିବ୍ୟ ହସ୍ତ ସଦା ତତ୍ପର । ପ୍ରପ୍ରେମର କଲ୍ପୁଗାଙ୍କା କହନ୍ତି, ସେହି ପ୍ରେମଶିକା ମାଆଙ୍କ ଆଳରେ ଅନାବିଳ ପ୍ରେମ ଗୁପ୍ତରେ, ପିତାଙ୍କ ଅନୁଶାସନ ଭାବରେ, ବନ୍ଧୁର ସର୍ତ୍ତକବାଣୀ ରୂପେ ଏବଂ ଗୁରୁଙ୍କ ଉପଦେଶ ଭାବରେ ପ୍ରକଟିତ ହୋଇଥାଏ । ତେବେ ପ୍ରେମର ସାଧନା ହିଁ ଆମକୁ ସଦା ପ୍ରେମମୟଙ୍କ ନିକଟତର ପଦ୍ଦଚାଇବାର, ପ୍ରେମର ସ୍ୱର୍ଗ ଲାଭ କରିବାର ମାଧ୍ୟମ । ଆଡିଜୋନା ବିଶ୍ୱ ବିଦ୍ୟାଳୟର ବିଶିଷ୍ଟ ବୈଜ୍ଞାନିକ ବରୋନସି ବାବାଙ୍କ ଆଖ୍ୟିତ ନ ଥିଲେ । ପଚ୍ଚାଙ୍କ ସହ ଅରେ କୌଣସି ଜଳନ ଓ ସେବା କାର୍ଯ୍ୟକ୍ରମକୁ ଯାଇଥିବା ତେବେ ତାଙ୍କୁ ତାହା ପସନ୍ଦ ନଥିବାରୁ ସେ ଅନ୍ୟ ଏକ କକ୍ଷରେ ବିଶ୍ରାମ କରୁଥିଲେ । ସେଇ କକ୍ଷରେ ତାହାଙ୍କ ପଚ୍ଚୋ ସହ ସାମ୍ପୁରୀରେ ଏକ ଲିଭି ଯାଇଥିବା ମହମ୍ ବତୀ ଥିଲା । ହଠାତ୍ ବରୋନସିଙ୍କୁ ଆଶ୍ଚର୍ଯ୍ୟ ଚକିତ କରି ମହମବତୀ ଜଳି ଉଠିଲା ଏବଂ ସତ୍ୟସାଇ ବାବା ପଚ୍ଚୋରୁ ତାଙ୍କୁ ପ୍ରେମଭରା ସ୍ମିତ ହାସ୍ୟ ପ୍ରଦାନ କରି ଚାଲିଗଲେ । ଏହି ଘଟଣ



ସେଇଠି ଆରମ୍ଭ
SEITHO ARAMBHA



ସୋମବାର, ୧୬ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୫

ବାଣପୁର -ବାଲୁଗାଁ ରୋଟାରୀ କ୍ଲବ ପାଳନ କଲା ଜାତିର ନିର୍ମାତା ସମ୍ମାନ ଉତ୍ସବ



ବିଲିକା/ବାଣପୁର, ୧୫/୧୧ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ଅଞ୍ଚଳ ନଗରସ୍ଥିତ ଶ୍ରୀ ଜଗାମହେଶ୍ୱର ବୈଦିକ ସଂଘ ସଭାଗୃହରେ ବାଣପୁର ବାଲୁଗାଁ ରୋଟାରୀ କ୍ଲବର ସଭାପତିତ୍ୱରେ ଡଃ.ବିଶ୍ୱାମୀ ମିଶ୍ରଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇ ଥିଲା । ପ୍ରଥମେ ଅତିଥି ମାନଙ୍କ ଦ୍ୱାରା ପ୍ରଭୁ ଶ୍ରୀଜଗନ୍ନାଥ ଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୁଷ୍ପ ମାଲ୍ୟ ପ୍ରଦାନ କରି ଏହି ସଭାକୁ ଉଦଘାଟନ କରିବା ପରେ ଉପସ୍ଥିତ ସମସ୍ତେ ସାମୁହିକ ବନ୍ଦେ ଉତ୍କଳ ଜନନୀ ଗାନକରିଥିଲେ । ଏହାପରେ ପ୍ରାକ୍ତନ ସଭାପତି ଧୀରେନ୍ଦ୍ରନାଥ ପାତ୍ର ସ୍ୱରଚିତ ପ୍ରାରମ୍ଭିକ ସଙ୍ଗୀତ ଗାନକରିବା ପରେ ସଭାପତି ଡଃ. ବିଶ୍ୱାମୀ ମିଶ୍ର ସଭାକାର୍ଯ୍ୟ ଆରମ୍ଭ କରିଥିଲେ ଜଗଦୀଶ ପ୍ରସାଦ ଲାଙ୍ଗୋଟିଆ ସଭାରେ ଅତିଥିମାନଙ୍କୁ ଆଜର ଅଳଙ୍କୁତ ନିମନ୍ତେ ସ୍ୱାଗତ କରିବା ସହ ମଂଚପରିଚାଳନା କରିଥିଲେ ।ଆମ୍ବାଦକ ମନୋରଞ୍ଜନ ବାରିକ ରୋଟାରୀ କ୍ଲବ୍‌ଦ୍ୱାରା କରାଯାଇଥିବା ସେବାମୂଳକ କାର୍ଯ୍ୟକ୍ରମ ଓ ବୃକ୍ଷ ରୋପଣ ଏବଂ ଦିବଗଣୀ ପ୍ରଦାନ କରିଥିଲେ । ଉକ୍ତ ସଭାରେ ଖୋର୍ଦ୍ଧା ଜିଲ୍ଲାର ବିଜିନ୍ନ କ୍ଲବ ର ଅଧିକାରୀ ଏବଂ ଡାକର ଶିକ୍ଷା ଦାନ କ୍ଷେତ୍ରରେ ନିଷ୍ଠାପର ଉଦ୍ୟମ ପାଇଁ ଶୁଟିଙ୍ଗିରା ବଜ, ସର୍ବେଶ୍ୱର ପଲାର, ରାକେଶ କୁମାର ମହାରଣା, ମମିନା ବେହେରା ପ୍ରମୁଖ ଆଠ ଜଣ କୃତି ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଏକ ବର୍ଣ୍ଣାଢ୍ୟ ପରିବେଶରେ ମୁଖ୍ୟ ଅତିଥି ଭାବେ ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ ଅଧିକାରୀ ଓଡ଼ିଆ ଭାଷା ପ୍ରତିଷ୍ଠାନ ପ୍ରଫେସର ସିଦ୍ଧାର୍ଥଶଙ୍କର ପାଢୀ 'ଜାତିର ନିର୍ମାତା ସମ୍ମାନ' ରେ ସମ୍ମାନିତ କରିବା ସହିତ ମାନପତ୍ର, ପୁଷ୍ପଗୁଚ୍ଛ ପତ୍ର, ଉପଢୌକନ ପ୍ରଦାନ କରିଥିବା ବେଳେ ସମାଜରେ ଶିକ୍ଷକ ମାନଙ୍କ ଅବଦାନ ବା ଭୂମିକା ବିଷୟରେ ଅତି ସୁନ୍ଦର ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ ସମାଜସେବୀ ଶ୍ରୀଯୁକ୍ତ ଜର୍ମାନ ସିଂ ଯୋଗଦାନ କରି ଏକ ସାରଗର୍ଭକ ଭାଷଣ ଦେଇଥିଲେ । କୁଚର ସାହିତ୍ୟ ସଂଯୋଜିକା ସରୋଜିନୀ ଦେବୀ ଆଜିର ବିଦାୟ ପାଳନ ଅବସରରେ ଏବଂ ଆଉକୁ ଗୋଟାଆଧିଆନଙ୍କ ମାଧ୍ୟମରେ ସ୍ଥାନୀୟ ଜନସାଧାରଣଙ୍କ ସେବାରେ ଉତ୍ସର୍ଗୀ କୃତ ହେବାପାଇଁ ଆହ୍ୱାନ ଦେଇଥିଲେ । ପ୍ରାକ୍ତନ ସଭାପତି ରବି ନାରାୟଣ ନାୟକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସଭାପତି ଡଃ. ବିଶ୍ୱାମୀ ମିଶ୍ର କୁଚର ଫଟି ବଜାର ସଭା ସମାପନ ଘୋଷଣା କରିଥିଲେ ।

ଜାତୀୟ ଜନଜାତି ଗୌରବ ଦିବସ ପାଳିତ



ସିନାପାଲି, ୧୫/୧୧ (ଆ.ପ୍ର) : ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଚଟିଆଗୁଡା ଆଶ୍ରମ ବିଦ୍ୟାଳୟ ପ୍ରାଙ୍ଗଣରେ ଜନଜାତୀୟ ଗୌରବ ଦିବସ ତଥା ଧରତି ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ମହାସମାରୋହରେ ପାଳନ କରାଯାଇଥିଲା । କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିର୍ସା ମୁଣ୍ଡା ଓ ଭାରତର ସ୍ୱାଧୀନ ସଂଗ୍ରାମୀ ଜନନାୟକ ମାନଙ୍କ ପ୍ରତିଛବିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଜନନାୟକ ମାନଙ୍କ ଗୁଣଗାନ କରିବା ସହିତ ତାଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇ ନିଜର ହକ୍ ଅଧିକାର ପାଇବା ସକାଶେ ଆଗାମୀ ଦିନରେ କାର୍ଯ୍ୟ ପନ୍ଥା ଅବଲମ୍ବନ ପାଇଁ ଆଲୋଚନା କରାଯାଇଥିଲା । ଏହି ଅବସରରେ ଆୟୋଜିତ ସଭାରେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଞ୍ଜକ ଧଳୁଆ ସରାପତିତ୍ୱ କରିଥିଲେ । ସେହି ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ମାନପତ୍ର ଓ ଟ୍ରଫି ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ସ୍ଥାନୀୟ ବିଦ୍ୟାଳୟର ସହ-ଶିକ୍ଷୟିତ୍ରୀ ଅମିତା ସାମଲ ମଂଚ ପରିଚାଳନା କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିତ୍ୟ ଅଭିରାଞ୍ଜନ ପ୍ରଧାନ କରିବା ସହ ବାର୍ଷିକ ବିବରଣୀ ଓ ସରକାରଙ୍କ ଛାତ୍ର ଛାତ୍ରୀ ମାନଙ୍କ ଉଦ୍ଦେଶ୍ୟ ରେ ଥିବା ବିଭିନ୍ନ ଯୋଜନା ସମ୍ପର୍କରେ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମରେ ଶତାଧିକ ଅଭିଭାବକ ଅଭିଭାବିକା ଉପସ୍ଥିତ ରହିଥିଲେ । ବିଦ୍ୟାଳୟର ଶିକ୍ଷକ ପଦ୍ମିନୀ ମୁଣ୍ଡ, ଯାଜ୍ଞସେନୀ ମାଝୀ, ପଦ୍ମିନୀ ଜଲେଟ, ସନ୍ତୋଷୀ ବାଗ, ମଧୁବନ ମାଝୀ, କୃଷ୍ଣଚନ୍ଦ୍ର ମାଝୀ, ଦେବାଶିଷ ମାଝୀ, ଯଶୋଦା ମାଝୀ ଓ ଗର୍ମିମା ମାଝୀ ସହଯୋଗ କରିଥିବା ବେଳେ ପବିତ୍ର କଲେଟ ଧନ୍ୟବାଦ ଅର୍ପଣ କରିଥିଲେ ।

ବାର୍ଷିକ ବିଜ୍ଞାନ ପ୍ରଦର୍ଶନୀ ଓ ଶିଶୁ ଦିବସ

ପାରଳାଖେମୁଣ୍ଡି, ୧୫/୧୧ (ଆ.ପ୍ର) : ଗଜପତି ଜିଲ୍ଲା, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ପୂର୍ଣ୍ଣ ପୀଠ, ପାରସମ୍ବା ଅନୁଷ୍ଠାନରେ ବାର୍ଷିକ ବିଜ୍ଞାନ ପ୍ରଦର୍ଶନୀ ଓ ଶିଶୁ ଦିବସ ମହା ଆଡମ୍ବରରେ ପାଳନ ହୋଇଯାଇଛି । ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ବିଜ୍ଞାନ ନିରୀକ୍ଷକ ସାମ୍ବିକ କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ନିକଟସ୍ଥ ଅନୁନୁଆ ଗୁଡା ସରକାରୀ ମହିଳା ଆଡାପିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସତି ଉତ୍କଳମୁଣ୍ଡି, ସି ଆର୍ ସି ସି ଶ୍ରୀ କେ. ଭଗବାନ ଓ ଜୀବା ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ସବିତା ମିଶ୍ର ଯୋଗ ଦେଇ ଶିଶୁ ଦିବସ ଓ ବିଜ୍ଞାନ ଦିବସ ସମ୍ପର୍କରେ ବହୁ ମୂଲ୍ୟବାନ ତଥ୍ୟ ପ୍ରଦାନ କରିଥିଲେ । ଏଥି ସହିତ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ମୋହନ କୁମାର ପଣ୍ଡା ଯୋଗ ଦେଇ ପିଲାଙ୍କୁ ଉତ୍ସାହ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଛାତ୍ରପ୍ରାପ୍ତ ଅଧ୍ୟକ୍ଷ ଶଶିଭୂଷଣ ପଟ୍ଟନାୟକ ସଂଯୋଜନା କରିଥିବା ବେଳେ ବରିଷ୍ଠ ସଦ୍ୟ ଗୋପାନାଥ ପାତ୍ରୀ ସଭାପତିତ୍ୱ କରିଥିଲେ । ଅନୁଷ୍ଠାନର ସମ୍ପାଦକ ଗୌରହରି ଜଗତ୍ପୁରୀ ପଟ୍ଟନାୟକ ସ୍ୱାଗତ ଭାଷଣ ଦେବାପରେ ବେଳେ ମାତୃପୀଠର ସଭାପତି ଡକ୍ତରାମ ଭାଲ, ହରି ଭାଲ, ଗୀତା ଅପା ଓ ଅନ୍ୟାନ୍ୟ ଅପା ଭାଇ ଯୋଗ ଦେଇ ବିଭିନ୍ନ ପ୍ରକଳ୍ପ ଦେଖିଥିଲେ । ବିଭିନ୍ନ ଅନୁଷ୍ଠାନର ଶିକ୍ଷକ, ଛାତ୍ର ଛାତ୍ରୀ ଓ ଅଭିଭାବକ ଯୋଗ ଦେଇ ବିଭିନ୍ନ ପ୍ରକଳ୍ପ ଦର୍ଶନ ପରିବେଶନ କରିଥିବେ ଓ ପୁରସ୍କାର ପ୍ରଶଂସା କରିଥିଲେ । ଶେଷରେ ଅନୁଷ୍ଠାନର କୋଷାଧକ୍ଷ ସାମାଂତଚ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅପା ଭାଇ ସହଯୋଗ କରିଥିଲେ ।

ଡକାୟତି ମାମଲାରେ ଚୌଦ୍ୱାର ପୋଲିସ ବାନ୍ଧିଲା ୪ ଡକାୟତଙ୍କୁ



ଟାଙ୍ଗୀ ଚୌଦ୍ୱାର, ୧୫/୧୧ (ଆ.ପ୍ର) : ଚୌଦ୍ୱାର ଆନା ସ୍ଥଳନା ଅନୁଯାୟୀ ଚୌଦ୍ୱାର ଆନା ଅଧୀନ ଡଗରା ସାହିର ଜହୁରେଇ ସାହୁ କବାଟ ଭାଙ୍ଗି ଟଙ୍ଗା ଲୁଣ୍ଠନ୍ତ, ଦୁଇ ଚବିଆ ଜାନ, ସେଣ୍ଟ୍ରିଙ୍ଗ ପ୍ଲେଟ ପ୍ରଭୃତି ମାରଣାସ୍ତ ଦେଖାଇ ଭୟଭୀତ କରାଇ ଚୋରି ହୋଇଥିବା ନେଇ ଏକ ଲିଖିତ ଅଭିଯୋଗ ଚୌଦ୍ୱାର ଆନାରେ କରିଥିଲେ, ଅଭିଯୋଗ ଅନୁଯାୟୀ ଚୌଦ୍ୱାର ପୋଲିସ ତଦନ୍ତ କରିବା ସମୟରେ ନଖରା ଅଂଚଳର ବୋଧଦାମ୍ପୁ ବାରିକ (୨୪)ବର୍ଷ, ଦୁଇ ପୁଅ ଜାଶ ଗାରଡ (୨୬), ଦପୁ ବେହେରା (୨୧)କୁ ଗିରଫ କରିବା ସହ ଆସାମୀ ମାନଙ୍କୁ ପଚରା ଉଚରା ବେଳେ ଟାଙ୍ଗୀ ଆନା ସଫା ଅଂଚଳର ଗଣେଶ୍ୱର ସିଂ ମଧ୍ୟ ଗିରଫ କରାଯାଇ ଲୁଟ ହୋଇଥିବା ଗାଡ଼ି, ଲୁଚା ଉଡ଼, ସେଣ୍ଟ୍ରିଙ୍ଗ ପ୍ଲେଟ ଜବତ କରିବା ସହ ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରି ଅଧିକ ତଦନ୍ତ ଚଳାଇଛି ପୋଲିସ ।

କେନ୍ଦାରରେ ୧୦୩ ଜଣଙ୍କୁ ଘରଡିହ ପଟ୍ଟା ପ୍ରଦାନ



କୋରାପୁଟ, ୧୫/୧୧ (ଆ.ପ୍ର) : କୋରାପୁଟ ତହସିଲ ଅନ୍ତର୍ଗତ କେନ୍ଦାର ପଂଚାୟତ କାର୍ଯ୍ୟାଳୟ ପରିସରରେବସୁନ୍ଧରା ଯୋଜନାର ଘରଡିହ ପଟ୍ଟା ପ୍ରଦାନ କରାଯାଇଛି । କୋରାପୁଟ ତହସିଲଦାର ସୟତ ସବିତା ସାହାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରଘୁରାମ ମାଝ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀ ମାନଙ୍କୁ ଘରଡିହ ପଟ୍ଟା ପ୍ରଦାନ କରିଥିଲେ । କେନ୍ଦାର ଓ ତଡକେରେଙ୍ଗା ପଂଚାୟତର ୩ ଗୋଟି ଗାଁର ୧୦୩ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କରାଯାଇଛି । ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ)ନରେଶ ଚନ୍ଦ୍ର ଶବର, ଅତିରିକ୍ତ ତହସିଲଦାର ଉତ୍କଳାନ ନାୟକ ଓ ଉତ୍କୃଳ ବେପାରୀ ସହକାରୀ ଜିଲ୍ଲାପାଳ ଜାହୁ ପଟ୍ଟନାୟକ କେନ୍ଦାର ସରପଂଚ କୌଶଲ୍ୟା ଜାନା, ପଂଚାୟତ ନିର୍ବାହୀ ଅଧିକାରୀ ବିଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ବସନ୍ତାଣ୍ଡ କାଳୀପୂଜା କମିଟି ତରଫରୁ ଯାତ୍ରା ଧଉଡ଼ି ଗଣନାଟ୍ୟର ମାଲିକ ସୀତାକାନ୍ତ ଶତପଥୀଙ୍କୁ ସମ୍ବର୍ଦ୍ଧନା



ବାସୁଦେବପୁର ୧୫/୧୧ (ଆ.ପ୍ର) ::ଦର୍ଦ୍ଦାକ ଡବୁ, ପତିତ ଜାଳୁପୁଲକୁ ନେଇ ଉତ୍ସବମୁଖର ହୋଇଉଠିଛି ବାସୁଦେବପୁର ସହର । ମାଆଙ୍କ ଆରାଧନା ସାଙ୍ଗକୁ ମହୁଆଲା ଦେଇଛନ୍ତି ଦର୍ଦ୍ଦାକ । ଏହି ଅବସରରେ ଚାରିଣୀ ଛକ ବସଷ୍ଟାଣ୍ଡ କାଳୀପୂଜା କମିଟି ପକ୍ଷରୁ ଯାତ୍ରା ଧଉଡ଼ି ଗଣନାଟ୍ୟର ମାଲିକ ସୀତାକାନ୍ତ ଶତପଥୀଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି ।ଗାରିଛି ପତିତ୍ୱ କାଳୀପୂଜା । ମାଆଙ୍କ ଆଗମନରେ ଉଲ୍ଲିସିତ ହୋଇଉଠିଛି ସାରା ସହର । ଚାରିଣୀ ଛକ ବସଷ୍ଟାଣ୍ଡ କାଳୀପୂଜା ମଣ୍ଡପରେ ମାଆଙ୍କ ଦର୍ଶନ ପାଇଁ ଲାଗିଛି ଭକ୍ତଙ୍କ ଭିଡ଼ । ଦାର୍ଘ ୩୫ ବର୍ଷର ପରମ୍ପରାକୁ ବଜାୟ ରଖି ଚଳିତ ବର୍ଷ ମଧ୍ୟ ଧୁମଧାମରେ ଆୟୋଜିତ ହେଉଛି କାଳୀପୂଜା । ପ୍ରଚାର ଆକର୍ଷଣକୁ ଦୃଷ୍ଟିରେ ରଖିବା ପାଇଁ ଏଥର ମଂଚରେ ନିଜର ନାଟକୀୟ ଅଭିନୟ ଓ କଳା ପରିବେଷଣ କରୁଛି ଯାତ୍ରା ଧଉଡ଼ି ଗଣନାଟ୍ୟ । ଏହି ଅବସରରେ ଚାରିଣୀ ଛକ ବସଷ୍ଟାଣ୍ଡ କାଳୀପୂଜା କମିଟି ପକ୍ଷରୁ ଯାତ୍ରା ପେଣ୍ଡାଲରେ ଗଣନାଟ୍ୟର ମାଲିକ ସୀତାକାନ୍ତ ଶତପଥୀଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ କରାଯାଇଥିଲା ।ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କମିଟିର ସଭାପତି ଦେବସ୍ମିତା ଧନା, ସମ୍ପାଦକ ଲୋକାଦର ପରିଡ଼ା ଓ କୋଷାଧକ୍ଷ ଶତ୍ରୁଘ୍ନ ବଳକ ସମେତ ସୁବାଶ ଚାରିକ, ମଦନ ମାହାନ୍ତୁ, ଅରୁପ କୁମାର ଦାସ,ପ୍ରଶାନ୍ତ ମଲ୍ଲିକ, ବାବୁଲି ଜାନା, ମଣିକାନ୍ତ ଦାସ, ବିଜୟ ଘଡ଼େଇ, ଶଶିଭୂଷଣ ଚାରିକ, ଗଜନ ବାରିକ ଓ କମିଟିର ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହିଥିବେ ।ଶେଷରେ ଚାରିଣୀ ଛକ କାଳୀପୂଜାକୁ ଆଉରି ଆକର୍ଷଣୀୟ କରିଛି ।

ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ବିଜେଡିର ବିଶାଳ ଶକ୍ତି ପ୍ରଦର୍ଶନ



ଦଶପଲ୍ଲା, ୧୫/୧୧ (ଆ.ପ୍ର) : ଆଗାମୀ ପଂଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ନିଜର ସାଂଗଠନିକ ଶକ୍ତି ପ୍ରଦର୍ଶନ କରିଛି ବିଜୁ ଜନତା ଦଳ (ବିଜେଡି) । ଦଳୀୟ ସଂଗଠନକୁ ଅଧିକ ସୁଦୃଢ଼ କରିବା ସହ ଆଗାମୀ ନିର୍ବାଚନରେ ବିରୋଧୀଙ୍କୁ ମାତ୍ ଦେବା ଲକ୍ଷ୍ୟରେ ଦଶପଲ୍ଲା ବିଧାୟକ ତଥା ନୟାଗଡ଼ ଜିଲ୍ଲା ବିଜେଡି ସଭାପତି ରମେଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଆୟୋଜିତ ଏହି ଶକ୍ତି ପ୍ରଦର୍ଶନ କାର୍ଯ୍ୟକ୍ରମରେ ହଜାର ହଜାର ବଜାୟ କର୍ମୀ ଓ ସମର୍ଥକ ଏକାଠି ହୋଇଥିଲେ ।ଏହି ଅବସରରେ ବିଧାୟକ ଶ୍ରୀ ବେହେରା ବର୍ତମାନର ରାଜନୈତିକ ଓ ପ୍ରଶାସନିକ ସ୍ଥିତିକୁ ନେଇ ରାଜ୍ୟ ସରକାରକୁ କଡ଼ା ସମାଲୋଚନା କରିଥିଲେ । ବିଜୁ ଜନତା ଦଳ ନିଜର ଜନକଲ୍ୟାଣକାରୀ କାର୍ଯ୍ୟ ଓ ଲୋକଙ୍କ ପାଇଁ ନିରନ୍ତର ସଂଘର୍ଷ ଯୋଗୁଁ ସବୁଠେଳେ ଜନସାଧାରଣଙ୍କ ହୃଦୟରେ ରହିଥାସିଛି ଏବଂ ଆଗକୁ ମଧ୍ୟ ରହିବ ବୋଲି ସେ କହିଥିଲେ । ବିଜୁ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡି ଡଡ଼ିଶାର ସ୍ୱାର୍ଥ ଓ ସ୍ୱାଭିମାନ ପାଇଁ ଲଢ଼େଇ ଜାରି ରଖିଥିବା ବେଳେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପୂର୍ବ ସରକାର ରାଜ୍ୟବାସୀଙ୍କୁ ସୁଶାସନ ପ୍ରଦାନ କରିଥିବା ବୋଲି ମଧ୍ୟ କହିଥିଲେ । ଅନ୍ୟପକ୍ଷରେ ବର୍ତମାନର ଭବଳ ଭାଜପା ସରକାର ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ପାଳନରେ ବିଫଳ ହେବା ସହ ସାଧାରଣ ଲୋକଙ୍କ ସମସ୍ୟା ପ୍ରତି ଉପଯୁକ୍ତ ଧ୍ୟାନ ଦେଉନଥିବା ସେ କହିଥିଲେ । ବିଶେଷକରି ବିଦ୍ୟାଳୟରେ ପାଠପଢ଼ାରେ ବିଫଳ ହେବା ସହ ଶିକ୍ଷକ ମାନଙ୍କ ସମସ୍ୟା ପ୍ରତି ଉପଯୁକ୍ତ ଧ୍ୟାନ ଦେଉନଥିବା ସେ କହିଥିଲେ । ବିଜୁ ଜନତା ଦଳ ସବୁବେଳେ ଜନସାଧାରଣଙ୍କ ପାଖରେ ରହିଥିବା ଏବଂ ଆଗକୁ ମଧ୍ୟ ରହିବ ବୋଲି ସେ କହିଥିଲେ । ଏହି ସଭାରେ ପୂର୍ବତନ ବିଧାୟକ ଶ୍ରୀ ଚନ୍ଦ୍ରଶେଖର ସାହୁ, ଜିଲ୍ଲା ସଭାପତି ଦେବାଶିଷ ମିଶ୍ର, ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ଦୀପ୍ତି ଦାସ, ବ୍ଲକ ସଭାପତି ଅଜୟ ପ୍ରଧାନ, ଜିଲ୍ଲା ଯୁବ ସଭାପତି ଅଭିଷେକ ଦାସ, ଜିଲ୍ଲା ଛାତ୍ର ସଭାପତି ଅଭିଷେକ ଦାସ, ଜିଲ୍ଲା ଯୁବ ସଭାପତି ଅଭିଷେକ ଦାସ, ଜିଲ୍ଲା ଛାତ୍ର



ଆରମ୍ଭ

SEITHO ARAMBHA



ସୋମବାର, ୧୬ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ଗଜପତି ରାଜ୍ୟସ୍ତରୀୟ ଜୁନିୟର ରେଡକ୍ରସରେ ସମ୍ମାନିତ ପାଇଁ ମନୋନୀତ



ପାରଳାଖେମୁଣ୍ଡି, ୧୫/୧୧ (ଆ.ପ୍ର) : ଗଜପତି ଜିଲ୍ଲାରେ ବହୁ ଆନୁଷଙ୍ଗିକ କାର୍ଯ୍ୟକ୍ରମ ପାଇଁ ଓଡିଶା ଜୁନିୟର ରେଡକ୍ରସ ଦ୍ୱାରା ୨୦୨୪-୨୫ ପାଇଁ ସମ୍ମାନିତ ହୋଇଛି । ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ଦ୍ୱାରା ସମ୍ମାନିତ ହେବେ । ରାଜ୍ୟର ରେଡକ୍ରସ ସୋସାଇଟିର ଓଡିଶା ଶାଖା ଅଧ୍ୟସ୍ଥ ଜୁନିୟର ରେଡକ୍ରସ ଦ୍ୱାରା ଗଜପତି ଜିଲ୍ଲା ସହ ଙ୍ଗଜାମ , ଗୌହ ଏବଂ ବାଲେଶ୍ୱର ଜିଲ୍ଲା ମଧ୍ୟ ମନୋନୀତ ହୋଇଛି । ଏହାସହ ଜିଲ୍ଲାର ବିଭିନ୍ନ କାର୍ଯ୍ୟକ୍ରମ ଯଥା ଗଛ ମନ୍ଥ ରାତ୍ୟାରେ ସେବା , ଏବଂଆଇ / ଏନ୍ଥ ବିଭାରେ ସଚେତନତା ଏବଂ ଅନ୍ୟାନ୍ୟ ସେବାମୂଳକ କାର୍ଯ୍ୟକ୍ରମ ଜିଲ୍ଲା ଶିକ୍ଷା ବିଭାଗ ଉପଜୁକ୍ତ କାର୍ଯ୍ୟକ୍ରମ ପାଇଁ ଗରିମାମ୍ଥ ଶୁଙ୍ଖଳାର ଖୁସ୍ଥ ଛୁଡିଛି । ସୂଚନାଯୋଗ୍ୟ ଏହିକି ପୂର୍ବରୁ ସ୍ୱାଗତ ଏ ଗାଇଡଙ୍ଗରେ ମଧ୍ୟ ସେ ରାଜ୍ୟପାଳଙ୍କ ଠାରୁ ସମ୍ମାନିତ ହୋଇଥିଲେ ।

ନୃଶଂସତାର ସୀମା ଟପିଲେ ଦୁର୍ବୃତ, ବଳଦର ପଛ ଗୋଡ଼ର ଅଂଶ କାଟି ନେଇଥିବା ଅଭିଯୋଗ, ଥାନାରେ ମାମଲା ରୁଜୁ



ଉଣାଇଁ, ୧୫/୧୧ (ଆ.ପ୍ର) : ମଣିଷ ଯେତେବେଳେ ଲୋଭର ଉଣ୍ଡବର୍ତୀ ହୋଇ ମାନବିକତା ହରାଇ ବସେ, ସେତେବେଳେ ତା'ର ନିଷ୍ଠୁରତା ଛେଡେ ଉଯଙ୍କର ରୂପ ନେଇପାରେ, ତାହାର ଏକ ହୃଦୟବିଦାରକ ଉଦାହରଣ ସାମ୍ନାକୁ ଆସିଛି । ମାଂସ ଲୋଭରେ ଗର ପାଖ ଗୁହାଳରୁ ଏକ ନିରୀହ ବଳଦକୁ ଉଠାର ନେଇ ହତ୍ୟା କରିବା ସହ ତା'ର ପଛ ଗୋଡ଼ର ଏକ ଅଂଶ କାଟି ନେଇଥିବା ଜରି ସାଂଘାତିକ ଅଭିଯୋଗ ଏତେ ସମସ୍ତ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଏଭଳି ଏକ ଅମାନବୀୟ ଘଟଣା ସୁଉଗଡ଼ ଜିଲ୍ଲା ଉଣାଇଗଡ଼ ବ୍ଲକ ଅନ୍ତର୍ଗତ ଚିୟାୟତପାଲି ଥାନା ଅଞ୍ଚଳ ଚତୁପୁର ଗ୍ରାମରେ ଘଟିଥିବା ଅଭିଯୋଗ ହୋଇଛି । ଥାନାରେ ଦାଖଲ ଏତଲା ଅନୁଯାୟୀ, ଗତ ୧୨ ନଭେମ୍ବର ୨୦୨୬ ରାତିରେ ସୁରେନ୍ଦ୍ର ସାହୁଙ୍କ ଘର ପାଖ ଗୁହାଳରେ ବନ୍ଧା ହୋଇଥିବା ଏକ ଧୂସର ରଙ୍ଗର ବଳଦକୁ ଚତୁପୁର ଗ୍ରାମର ସୁଭୁଆନ ମୁଣ୍ଡା ଏବଂ ବନ୍ଧାଗୁଡି ଗ୍ରାମର ପ୍ରେମସାହି ମୁଣ୍ଡା ଓ ଇସ୍ମାଇଲ ମୁଣ୍ଡା ନିଜସ୍ୱ ଢଙ୍ଗରେ ନେଇଯାଇଥିଲେ । ସେଠାରେ ବଳଦଟିକୁ ହତ୍ୟା କରି ଲାଟୁଥିବା ନେଇ ମାଲିକ ଅଭିଯୋଗ କରିଛନ୍ତି । ନିଜ ଗୁହାଳରେ ବନ୍ଧା ହୋଇଥିବା ପଶୁଟିକୁ ଏଭଳି ଅବସ୍ଥାରେ ଦେଖି ମାଲିକ ସୁରେନ୍ଦ୍ର ସାହୁ ବିରୋଧ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିବା ଏଡଲାରେ ଦର୍ଶାଯାଇଛି । ଏପରିକି ଘଟଣା ସମ୍ପର୍କରେ କାହାକୁ ଜଣାକରେ ଜାତନ୍ତୁ ମାଗିଦେବାକୁ ମଧ୍ୟ ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି । ସତ୍ଯଠାରୁ ଦୃଶ୍ୟର ବିଷୟ ହେଉଛି, ବଳଦଟିର ପଛ ଗୋଡ଼ର ଏକ ଅଂଶ କାଟି ନିଆଯାଇଥିବା ମଧ୍ୟ ଏଡଲାରେ ଉଲ୍ଲେଖ ରହିଛି । ଗୋଟିଏ ପଟେ ମଣିଷ ନିଜ ସ୍ୱାର୍ଥ ପାଇଁ ପଶୁପକ୍ଷୀଙ୍କ ସୁରକ୍ଷା ଓ ଜୀବଦୟାର କଥା କହୁଛି, ଅନ୍ୟପଟେ ସାମାନ୍ୟ ମାଂସ ଲୋଭରେ ଏକ ନିରୀହ ଜୀବର ଜୀବନ ନେବା ଭଳି ଅଭିଯୋଗ ସମାଜର ମାନବିକତା ଉପରେ ବଡ଼ ପ୍ରଶ୍ନଚିହ୍ନ ଲଗାଇଛି । ପଶୁଟି ନିଜ ଯୟଣା କାହାକୁ କହିପାରେ ନାହିଁ । ଏଭଳି ଅସହାୟ ଜୀବଙ୍କ ପ୍ରତି ଏତେ ନିଷ୍ଠୁରତା କାହିଁକି ? ସ୍ଥାନୀୟ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତମାନେ ପୂର୍ବରୁ ମଧ୍ୟ ଗ୍ରାମରୁ ଗାଈ ଓ ବଳଦ ଚୋରି କରିଥିବା ନେଇ ଚିୟାୟତପାଲି ଥାନାରେ ଅଭିଯୋଗ ହୋଇଥିଲା । ତେବେ ପୂର୍ବ ଅଭିଯୋଗଗୁଡ଼ିକର ତଦନ୍ତ ଓ ଏଭଳି ଘଟଣାର ପୁନରାବୃତ୍ତି ପକ୍ଷରେ ଜୋର ଦାବୀ ରଖିଛି, ତାହା ମଧ୍ୟ ତଦନ୍ତସାପେକ୍ଷ । ଅନ୍ୟପକ୍ଷରେ, ନିଛିଦିନ ପୂର୍ବରୁ କ. ବଲାଙ୍ଗ ଥାନା ଅଂଚଳରେ ଗୋ-ଚାଲାଣକୁ ନେଇ କରି ବ୍ୟାପକ ରାଜନୈତିକ ବିବାଦ ଓ ଉତେଜନା ସୋଷାଦେଇଥିଲା । ସେହି ଘଟଣାର ଚର୍ଚ୍ଚା ଥମିନଥିବା ବେଳେ ପୁଣି ବହୁପୁରରେ ଗୋ-ହତ୍ୟାକୁ ନେଇ ଏଭଳି ସଙ୍ଗୀନ ଅଭିଯୋଗ ସାମ୍ନାକୁ ଆସିବା ସ୍ଥାନୀୟ ଅଂଚଳରେ ଆଲୋଡ଼ନ ସୃଷ୍ଟି କରିଛି । ଏହି ଘଟଣାକୁ ନେଇ ବିଚାୟତପାଲି ଥାନାରେ ୧୪/୧୧/୨୦୨୬ ତାରିଖରେ ଏତଲା ନମ୍ବର ୦୧୦୯ରେ ମାମଲା ରୁଜୁ ହୋଇଛି । ରାଜ୍ୟର ବଧ୍ୟ ସଂହିତା, ୨୦୨୩ର ଧାରା ୨୯୬, ୧୧୫(୨), ୩୫୫(୨) ଏବଂ ୩(୫) ସହିତ ପଶୁମାନଙ୍କ ପ୍ରତି ନିଷ୍ଠୁରତା ନିବାରଣ ଆଇନ, ୧୯୬୦ର ଧାରା ୧୧(୧) ଏବଂ ଓଡ଼ିଶା ଗୋହତ୍ୟା ନିବାରଣ ଆଇନ, ୧୯୮୦ର ଧାରା ୭ ଅନୁଯାୟୀ ମାମଲା ରୁଜୁ ହୋଇଥିବା ଏଡଲାରୁ ଜଣାପଡ଼ିଛି । ତିଚାୟତପାଲି ଥାନା ପୁଲିସ ଘଟଣା ସ୍ଥଳକୁ ପହଂଚି ପଶୁ ଡାକ୍ତର ସହାୟତା ରେ ମୃତ ବଳଦର ସଡନମିନ କରିବା ସହିତ ମୃତ ଦେହ ପୋଡିଦିଆଯାଇଥିବା ଜଣାପଡିଛି । ତେବେ ପ୍ରଶ୍ନ ଉଠୁଛି, ଜେଜଖଣ୍ଡ ମାଂସ ପାଇଁ ଗୋଟେଏ ନିରୀହ ଜୀବର ଜୀବନ ନେବାକୁ ମଣିଷ ଏତେ ନିଷ୍ଠୁର କେମିତି ହୋଇପାରେ ? ଗୁହାଳରେ ବନ୍ଧା ଥିବା ପଶୁ ପାଖ ଯଦି ସୁରକ୍ଷିତ ନୁହେଁ, ତେବେ ଗ୍ରାମାଂଚଳରେ ପଶୁପ୍ରଜଳଙ୍କ ସୁରକ୍ଷା କିଏ ନିଶ୍ଚିତ କରିବ ? ଏହି ଘଟଣାରେ ପୋଲିସ ପଷରୁ ନିଉପେକ୍ଷ ଓ ନିଷ୍ପକ୍ଷ ତଦନ୍ତ କରାଯାଇ ପ୍ରକୃତ ଦୋଷୀଙ୍କୁ ଚିହ୍ନଟ କରିବା ସହ ଆଇନ ଅନୁଯାୟୀ କଠୋର ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

ଉଦଘାଟନ ହେଲା ଏକଲବ୍ୟ ମୋଡେଲ ରେସିଡେଂଟ ବିଦ୍ୟାଳୟ



ଡୁମୁରିବନ୍ଧ, ୧୫/୧୧ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଡୁମୁରିବନ୍ଧ ବ୍ଲକ୍ ପୁଷିଗଡ଼ ଗ୍ରାମପଂଚାୟତ ର ବୁଢୁଲୁ ବା ଗ୍ରାମ ରେ ଆଜି ଏକ ଐତିହାସିକ ଘୁଟୁହୂପୂର୍ଣ୍ଣ ବିଦ୍ୟାଳୟର ଶୁଭାରମ୍ଭ ହୋଇଯାଇଛି । ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜିଉଁ କନ୍ଦପରେଜିଂ କରିଥିବା ଦେଶର ବିଭିନ୍ନ ପ୍ରାନ୍ତ ସମେତ ଡୁମୁରିବନ୍ଧ ଏକଲବ୍ୟ ମଡେଲ ରେସିଡେଂସ୍ୱାଲ ସ୍କୁଲକୁ ବିଧାଁ ମୁଖ୍ୟ ଜୟନ୍ତୀ ଉପଲକ୍ଷେ ଆନୁଷାନିକ ଭାବେ ଉଦଘାଟନ କରିଛନ୍ତି । ସ୍ଥାନୀୟ ଏକଲବ୍ୟ ସ୍କୁଲ ପରିସରରେ ଆୟୋଜିତ ଏହି ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଡୁମୁରିବନ୍ଧ ବ୍ଲକ୍ ଉନ୍ନୟନ ଅଧିକାରୀ ଜଜବନ୍ଧିହାରୀ ମହାଁର, ସାଂସଦ ପ୍ରତିନିଧି ପୂର୍ବଚନ୍ଦ୍ର ପାତ୍ରୀ, ବିଧାୟକ ଶିକ୍ଷା ବିଭାଗ ପ୍ରତିନିଧିଧର୍ମ ପଦ ରାଖର, କନ୍ଧମାଳ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଜମାତଉଣ ମଲ୍ଲିକ, ଡୁମୁରିବନ୍ଧ ବ୍ଲକ ଚେୟାର ମେନ କାମନ୍ତୀ ମାଝୀ, ମୁଖିଗଡ଼ ସରପଂଚ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନେତ୍ର ମାନସେଠ, ପ୍ରକଳ୍ପ ଅଧିକାରୀ କୃପାସିନ୍ଧୁ ବେହେରା ଏବଂ ଅତିରିକ୍ତ ଡଚସିଡାର ବୁଦ୍ଧୁମ ପ୍ରଧାନ, ଚନ୍ଥ ଶିକ୍ଷୟିତ୍ରୀ କାର ବଦଗାମ ସାହୁ, ବିଜେପି ଜିଲ୍ଲା ସାମାଜକ ଦେବେନ୍ଦ୍ର କୁଦେଇ ପ୍ରମୁଖ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବୁଢୁର ବହୁମାନ୍ୟଗଣ୍ୟ ବାକ୍ତି, ବିଭିନ୍ନ ରାଜନୈତିକ କର୍ମକର୍ତା, ସ୍କୁଲର ଶିକ୍ଷକଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ଏହି ଐତିହାସିକ ମୁହୂର୍ତ୍ତର ସାମିଲ ହୋଇଥିଲେ ହୋଇଥିଲେ । ଏହି ନୂତନ ବିଦ୍ୟାଳୟ ପ୍ରତିଷ୍ଠା ହେବା ସ୍ୱାଗତ ଅଂଚଳର ଜନଜାତି ତଥା ପାହାଡ଼ ପାର୍ବତ୍ୟ ଗୋଷ୍ଠୀ ଅଂଚଳର ପିଲାମାନେ ଉଚ୍ଚମାନର ଶିକ୍ଷାଲାଭ କରିପାରିବେ ବୋଲି ଅଭିଭାବକ ମାନେ ପ୍ରକାଶ କରିଛନ୍ତି । ଅତିଥିଙ୍କ ନୂତନ ଛାତ୍ରଛାତ୍ରୀ ଫୁଲ ତଡା ଓ ଉତରୀୟ ଦେଇ ସମ୍ବାନୀତି କରିଥିବା ଦେଖିବାକୁ ମିଳିଛି । ଏହି କାର୍ଯ୍ୟକ୍ରମରେ ବୁଢୁର ବହୁମାନ୍ୟଗଣ୍ୟ ବ୍ୟକ୍ତି, ବିଭିନ୍ନ ରାଜନୈତିକ କର୍ମକର୍ତା, ସ୍କୁଲର ଶିକ୍ଷକଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ଏହି ଐତିହାସିକ ମୁହୂର୍ତ୍ତର ସାମିଲ ହୋଇଥିଲେ ।

ବିଦ୍ୟାଳୟସ୍ତରୀୟ ବାର୍ଷିକ ବିଜ୍ଞାନ ମେଳା

ନିମାପଡ଼ା, ୧୫/୧୧ (ଆ.ପ୍ର) : ଶ୍ରୀଚାରଦିନ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନମେଳା ଓ ପାରମ୍ପରିକ ଖାଦ୍ୟ ମେଳା ବିଗତ୍ତୋ ସ୍ଥିତ ମାଳକଶେଶ୍ୱର ବହୁମୁଖୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଆନୁକୂଲ୍ୟରେ ପ୍ରଧାନ ଶିକ୍ଷୟିତ୍ରୀ କବିତା ସେନାପତିଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଅଛି ଓ ଏହି ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳାରେ ୬୦ ଜଣ କୁନି ବୈଜ୍ଞାନିକମାନେ ୬୦ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ, ଏଙ୍କ ସାଥ୍ୟ ମେଳାରୋ ୦ ଜଣ ପିଲା ୮୦ ପ୍ରକାର ଖାଦ୍ୟ ପ୍ରଦର୍ଶନ କରିଥିଲେ । ଏହି ବିଜ୍ଞାନ ମେଳାକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ, ବିଦ୍ୟଳୟ ପରିଚାଳନା କମିଟିର ସମସ୍ତସଦସ୍ୟ ଓ ସଦସ୍ୟାମାନେ କୁଲି ଦେଖିଥିଲେ ଓ କୁନି ବୈଜ୍ଞାନିକମାନେ ସେମାନଙ୍କ ବିଜ୍ଞାନ ପ୍ରକଳ୍ପ ସମ୍ପର୍କରେ ସମସ୍ତଙ୍କୁ ବୁଝାଇଥିଲେ । ଏହି ବିଜ୍ଞାନ ମେଳାରେ ବିଚାରକମାନେ ଅତସରପ୍ରାପ୍ତ ପ୍ରଧାନଶିକ୍ଷକ ଦିନିକ କୁମାର ମିଶ୍ର ଓ ନିମାପଡ଼ା ସରକୃତ ଶିଶୁ ବିଦ୍ୟା ମନ୍ଦିରର ବିଜ୍ଞାନ ଶିକ୍ଷକ ସୌମ୍ୟରଞ୍ଜନ ସେନାପତି ପ୍ରମୁଖ ଯୋଗଦେଇ କୁନି ବୈଜ୍ଞାନିକ ମାନଙ୍କ ଦ୍ୱାରା ପ୍ରସ୍ତୁତ ବିଜ୍ଞାନ ପ୍ରକଳ୍ପ ଗୁଡ଼ିକୁ ପରିଦର୍ଶନ କରି ତାର ଉପଯୋଗିତା ସମ୍ପର୍କରେ ପଚାରି ବୁଝିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ କବିତା ସେନାପତି କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ବିଜ୍ଞାନ ଶିକ୍ଷୟିତ୍ରୀ ସୃତିରେଖା ବେହେରା, କୃଷ୍ଣପ୍ରିୟା ବେହେରା ଓ ବିଜ୍ଞାନ ଶିକ୍ଷକ ଅନୁବା ପ୍ରସାଦ ସେଠାକ ତତ୍ତ୍ୱାବଧାନରେ ଏବଂ ସମସ୍ତ ସହଯୋଗୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମଟି ସଫଳ ହୋଇଥିଲା ।

ଗଣିଆ ବ୍ଲକରେ ଭତା ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ



ଗଣିଆ, ୧୫/୧୧ (ଆ.ପ୍ର) : ଗଣିଆ ବ୍ଲକ ସଭା ଗୃହରେ ନୂତନ ହିତାଧିକାରୀଙ୍କୁ ଭତା ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ଝୁନା ଜେନା ଯୋଗ ଦେଇଥିବା ବେଳେ ସଭାପତି ଅତିଥି ଭାବେ କନ୍ଧମାଳ ସାଂସଦଙ୍କ ପ୍ରତିନିଧି ମହାବୀର ପ୍ରସାଦ ମିଶ୍ର, ଜିଲ୍ଲା ପରିଷଦ ସଭ୍ୟ ନରେଶ କୁମାର ବେହେରା, ଗଣିଆ ପଂଚାୟତ ସମିତି ସଭ୍ୟ ଫକୀର ମୋହନ ଜାଲୁଆ, ଅତିରିକ୍ତ ଜିଡ଼ିଓ ରତନଲାଲ ଲୋହରା, ସାମାଜିକ ସୁରକ୍ଷା ଅଧିକାରୀ ଆର୍ତବନ୍ଧୁ ଗୋଚ୍ଛି ମଂଚାସୀନ ଥିଲେ । ହିତାଧିକାରୀଙ୍କୁ ବୃଦ୍ଧ ମାସର ଭତା ବଂଟନ କରାଯାଇଥିଲା । ଗଣିଆ ବ୍ଲକର ୫୧୬ ଜଣଙ୍କୁ ନୂତନ ଭତା ବଂଟନ କରାଯାଇଥିବା ବେଳେ ସେଥିମଧ୍ୟରୁ ଆଜଜଟା ପଂଚାୟତର ୫୬ ଜଣ, ବଡସିଙ୍ଗିଘା ପଂଚାୟତର ୩୦ ଜଣ, ବେଲପଡାପାଟଣା ପଂଚାୟତର ୯୩ ଜଣ, ଛାମୁଣ୍ଡିଆ ପଂଚାୟତର ୧୨୨ ଜଣ, ଗଣିଆ ପଂଚାୟତର ୧୮ ଜଣ,କଉଡାପଡା ପଂଚାୟତର ୪୩ ଜଣ, ଜିଶୋର ପ୍ରସାଦ ପଂଚାୟତର ୯୧ ଜଣ ଏବଂ ରାୟଙ୍କ ପଂଚାୟତର ୬୨ ଜଣ ବୋଲି ଜଣାପଡିଛି । ସମସ୍ତ ପଂଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ,ଡାଟା ଏଂଟ୍ରି ଅପରେଟର ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଜାତୀୟ ପ୍ରେସ୍ ଦିବସ ପୂର୍ବରୁ କୋଣାର୍କରେ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧନା




କାଙ୍କଟପୁର, ୧୫/୧୧ (ଆ.ପ୍ର) : ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ପରିଚିତ ଗଣମାଧ୍ୟମର ସ୍ୱାଧୀନତା, ସାମ୍ବାଦିକଙ୍କ ସୁରକ୍ଷା ଏବଂ ସେମାନଙ୍କ ସାମାଜିକ ଓ ପାରିବାରିକ ସ୍ଥିତିକୁ ନେଇ ପୁଣି ଉଠିଲା ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ । ଜାତୀୟ ପ୍ରେସ୍ ଦିବସ ଅବସରରେ ମାସ୍ ଆଉଟରିଚ୍ ଇଂଗାଜୀ ମାଗାଜିନ୍ ପକ୍ଷରୁ କୋଣାର୍କଠାରେ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ଅତିଥିଙ୍କ ଉପସ୍ଥିତିରେ ସାମ୍ବାଦିକଙ୍କ ସମସ୍ୟା ଓ ଉଣ୍ଡାମାଧାନ ନେଇ ଗଭୀର ଆଲୋଚନା ହୋଇଥିଲା ।ଏହି ସମାରୋହରେ ତରିଷ୍ଠ ସାମ୍ବାଦିକ ରବି ଦାସ, ଭବାନୀ ଶଙ୍କର ମହାପାତ୍ର, ନିମାପଡ଼ାର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାସ, ସିନେ ଅଭିନେତା ବରଜ କର, ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ଏବଂ ବିଜୁ ପଟ୍ଟନାୟକ ବିଶ୍ୱବିଦ୍ୟାଳୟର ସଂସ୍ଥାପକ ବିଭାଗର ମୁଖ୍ୟ ଯୋଗଦେଇଥିଲେ । ଉପସ୍ଥିତ ଅତିଥିମାନେ ସାମ୍ବାଦିକତାର ଗୁରୁତ୍ୱ ଓ ସମାଜ ପ୍ରତି ସାମ୍ବାଦିକଙ୍କ ଅବଦାନ ଉପରେ ମତବ୍ୟକ୍ତ କରିଥିଲେ । ସରାରେ ନିଜ ଉଦ୍‌ବୋଧନ ରଖି ତରିଷ୍ଠ ସାମ୍ବାଦିକ ରବି ଦାସ ସାମ୍ପ୍ରତିକ ସମୟରେ ସାମ୍ବାଦିକଙ୍କ ସ୍ଥିତିକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ । ତାଙ୍କ ମତରେ, ଆଜି ସାମ୍ବାଦିକ ମାନେ ନାନା ସଂକୋଚନ ଓ ବାଧ ମଧ୍ୟରେ କାର୍ଯ୍ୟ କରୁଥିବାବେଳେ ସେମାନଙ୍କ ପରିବାର ମଧ୍ୟ ଅତହେଳିତ ଅବସ୍ଥାରେ ରହୁଛନ୍ତି । ସମାଜର ସମସ୍ୟାକୁ ଲୋକଲୋଚନକୁ ଆଣୁଥିବା ସାମ୍ବାଦିକଙ୍କ ନିଜ ସମସ୍ୟା ଓ ସେମାନଙ୍କ ପରିବାରର ସୁରକ୍ଷା ପ୍ରତି ଯଥେଷ୍ଟ ଧ୍ୟାନ ଦିଆଯାଇନଥିବା ନେଇ ସେ ପ୍ରଶ୍ନ ଉଠାଇଥିଲେ । ଏହି ଆଳନର ଜିଛି ବ୍ୟବସ୍ଥା ସାମ୍ବାଦିକଙ୍କ ସୂଚନା ଅଧିକାର ଓ ଅଭିବ୍ୟକ୍ତିର ସ୍ୱାଧୀନତାକୁ ସୁରକ୍ଷାରିତ କରିପାରେ ବୋଲି ଅଭିଯୋଗ ଉଠିଥିବାବେଳେ ଏ ସମ୍ପର୍କିତ ମାମଲା ସୁପ୍ରିମକୋର୍ଟରେ ବିଚାରାଧୀନ ଥିବା କଥା ଆଲୋଚନାକୁ ଆସିଥିଲା । ତେଣୁ ସାମ୍ବାଦିକଙ୍କୁ କେବଳ ସମ୍ବର୍ଦ୍ଧନା ନୁହେଁ, ସେମାନଙ୍କୁ ସାମାଜିକ ସୁରକ୍ଷା, ଆର୍ଥିକ ସହାୟତା, କାର୍ଯ୍ୟକ୍ଷେତ୍ରରେ ସୁରକ୍ଷା ଓ ପରିବାରର ଉଚ୍ଚିତ୍ୟ ପାଇଁ ଠୋସ୍ ପଦକ୍ଷେପ ନେବା ଆଜିର ସମୟର ଆବଶ୍ୟକତା ବୋଲି ମତ ପ୍ରକାଶ ପାଇଥିଲା । ସମ୍ବର୍ଦ୍ଧନା ମଂଚରୁ ସାମ୍ବାଦିକଙ୍କ ସମ୍ମାନ ସହ ସେମାନଙ୍କ ଅଧିକାର, ସୁରକ୍ଷା ଓ ସ୍ୱାଧୀନତାର ପ୍ରଶ୍ନ ଉଠିବା ଜିଁ ଏହି ଜାତୀୟ ପ୍ରେସ୍ ଦିବସର ଏକ ପ୍ରମୁଖ ବାର୍ତ୍ତା ହୋଇଥିଲା ।

ବିଜୁ ଯୁବ ଜନତା ଦଳର କୋରାପୁଟ ଜିଲ୍ଲାର ବ୍ଲକ ଓ ସହରାଂଚଳ ସଭାପତିଙ୍କ ନାମ ଘୋଷଣା

କୋରାପୁଟ ୧୫/୧୧ (ଆ.ପ୍ର) : କୋରାପୁଟ ଜିଲ୍ଲା ବିଜୁ ଯୁବ ଜନତା ଦଳର ପୂର୍ଣ୍ଣାଙ୍ଗ କମିଟି ଘୋଷଣା କରାଯାଇଛି । ଏହି କମିଟିରେ ଜଣ ସଭାପତି, ସାଧାରଣ ସଂପାଦକ ଓ ସଂପାଦକ ମାନଙ୍କ ନାମ ଘୋଷଣା କରାଯାଇଛି । ଏଥି ସହ ବ୍ଲକ ଓ ସହରାଂଚଳ ସଭାପତି ଓ ଉପସଭାପତିଙ୍କ ନାମ ମଧ୍ୟ ଘୋଷଣା କରାଯାଇଛି । ଏହି କ୍ରମରେ ଦୋଡିଗୁମ୍ମା ବ୍ଲକ ସଭାପତି ଭାବେ ବିଜିପ ମିଶ୍ର ମନୋନୀତ ହୋଇଥିବା ଜଣାପଡିଛି । ସେହିପରି ଚୋରିଗୁମ୍ମା ବିଧାପିତ ଅଂଚଳ ପରିଷଦର ସଭାପତି ଭାବେ ଲକ୍ଷ୍ମନ ବିଶୋୟୀ ମନୋନୀତ ହୋଇଛନ୍ତି ।

ଜଗତସିଂହପୁର ଜିଲ୍ଲାସ୍ତରୀୟ ଯୁବୋତ୍ସବ ୨୦୨୬ ଅନୁଷ୍ଠିତ



ଜଗତସିଂହପୁର, ୧୫/୧୧ (ଆ.ପ୍ର) : ଜିଲ୍ଲା ପ୍ରଶାସନ ଏବଂ ମାଇଁ ଆରତ ର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଆଡିଡି ସାଉନ ଘାସ ସଂସ୍କୃତି ଭବନ ଠାରେ ବିକଶିତ ଭାରତ ଯୁବ ନେତୃତ୍ୱ ସଂଜାପ ଯୁବୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଅପରାହ୍ନ ରେ ଉଦଯାପନୀ ଉତ୍ସବରେ ଜିଲ୍ଲା କ୍ରୀଡା ଅଧିକାରୀ ବିଶ୍ୱ ବିଜୟିନୀ ପଟ୍ଟନାୟକଙ୍କ ଅଧକ୍ଷତା ରେ ଅୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଗତସିଂହପୁର ଥୌର ପରିଷଦ ଅଧକ୍ଷା ଅର୍ଚ୍ଚନା ସିଂହ ସ୍ୱତପିଠୀ ଙ୍କୁ ଦେଶର ଆଗାମୀ ଭବିଷ୍ୟତ ତୋରି କହିଥିଲେ । ପାଠ ପଢ଼ା ବ୍ୟତୀତ ଅନ୍ୟାନ୍ୟ ବିଷୟ ରେ ମଧ୍ୟ ଉପଯୁକ୍ତ ଧ୍ୟାନ ଦେବାର ପରାମର୍ଶ ଦେଇଥିଲେ । ଜିଲ୍ଲା ଯୁବ ଉତ୍ସବ ଏବଂ ନିଜକୁ ଜଣେ ସୁନାଗରିକ ଭାବେ ଗଢ଼ିବାକୁ ଉତ୍ସାହ ଜରି ଜରୁରୀ ଦୋଲି ସେ କହିଥିଲେ । ସମ୍ମାନନୀୟ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ରାଜେଶ କୁମାର ସାହୁ, ଜେପୁଟି କଲେକ୍ଟର ମନୋଜ କୁମାର ସାହୁ ଉପସ୍ଥିତ ରହି ଯୁବପିଢୀଙ୍କୁ ସଫନତା ଓ ଜୀବନ ଆଦର୍ଶ ର ଉପଦେଶ ଦେଇଥିଲେ । ସଂସ୍କୃତି ଭବନ ପରିସର, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ମ୍ୟୁନିସିପାଲଟି କଲ୍ୟାଣ ମଣ୍ଡପ ଠାରେ



ଆରମ୍ଭ

SEITHO ARAMBHA



ସୋମବାର, ୧୬ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ସିନାପାଲିରେ ନୂତନ ବସଷ୍ଟାଣ୍ଡର ଶୁଭ ଉଦ୍‌ଘାଟନ, ସାମ୍ବାଦିକଙ୍କୁ ପ୍ରଶାସନର ଅଣଦେଖା !

ସିନାପାଲି, ୧୫/୧୧ (ଆ.ପ୍ର) : ନୂଆପଡ଼ା ଜିଲ୍ଲା ସିନାପାଲିରେ ନୂତନ ବସଷ୍ଟାଣ୍ଡର ଶୁଭ ଉଦ୍‌ଘାଟନ ଅଂଚଳବାସୀଙ୍କ ପାଇଁ ଏକ ଆନନ୍ଦର ବିଷୟ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ପ୍ରଶାସନ ପକ୍ଷରୁ ସ୍ଥାନୀୟ ସାମ୍ବାଦିକମାନଙ୍କୁ ଅବହେଳା କରାଯାଇଥିବା ଅଭିଯୋଗ ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ଜାତିସିନର ଆଡଶାଳତାକୁ ପୃଷ୍ଠିରେ ରଖି ନୂତନ ବସଷ୍ଟାଣ୍ଡ ଉଦ୍‌ଘାଟନ ହେବା ଦ୍ୱାରା ଅଂଚଳର ଯାତାୟାତ ବ୍ୟବସ୍ଥାରେ ସୁଧାର ଆସିବା ସହ ଯାତ୍ରୀମାନେ ବିଭିନ୍ନ ପୂର୍ବିଧା ପାଇପାରିବେ ବୋଲି ଆଶା କରାଯାଉଛି । ଏହି ବସଷ୍ଟାଣ୍ଡ ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ନେଇ ସ୍ଥାନୀୟ ଅଂଚଳରେ ଉତ୍ସାହ ଉତ୍ସାହିତ ବେଳେ ଏକ ଗୁରୁତ୍ୱପୂର୍ଣ୍ଣ ସାର୍ବଜନୀନ କାର୍ଯ୍ୟକ୍ରମରେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କୁ ଯଥୋଚିତ ଗୁରୁତ୍ୱ ଦିଆଯାଇନଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି । ଅଭିଯୋଗ ଅନୁଯାୟୀ, କାର୍ଯ୍ୟକ୍ରମ ସମ୍ପର୍କରେ ସାମ୍ବାଦିକମାନଙ୍କୁ ଆବଶ୍ୟକ ସୂଚନା ଦେବା ଓ ଉଦ୍‌ଘାଟନୀ ସମାରୋହରେ ସେମାନଙ୍କ ଉପସ୍ଥିତିକୁ ସୁନିଶ୍ଚିତ ଦେବା କ୍ଷେତ୍ରରେ ପ୍ରଶାସନ ପକ୍ଷରୁ ଉଚିତ ପଦକ୍ଷେପ ନିଆଯାଇନଥିଲା । ସାମ୍ବାଦିକମାନେ ଜେଜେ ଖବର ପ୍ରକାଶ କରୁଥିବା ବାଲ୍ଡି ନୁହନ୍ତି, ବରଂ ସମାଜର ବିଭିନ୍ନ ସମସ୍ୟା, ଲୋକଙ୍କ ଅଭାବ ଅସୁବିଧା ଓ ସରକାରୀ ଯୋଜନାର ସଫଳତାକୁ ଲୋକଙ୍କ ନିକଟରେ ପହଂଚାଏ, ସେହି ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଏକ ସାର୍ବଜନୀନ କାର୍ଯ୍ୟକ୍ରମରେ ଅଣଦେଖା କରାଯିବା କେତେଦୂର ଯୁକ୍ତିଯୁକ୍ତ, ତାହାକୁ ନେଇ ପ୍ରଶ୍ନ ଉଠିଛି । ସରକାରୀ କାର୍ଯ୍ୟକ୍ରମ କୌଣସି ବ୍ୟକ୍ତି ବା ନିର୍ଦ୍ଦିଷ୍ଟ ଗୋଷ୍ଠୀର ନୁହେଁ, ଏହା ଜନସାଧାରଣଙ୍କ ପାଇଁ । ତେଣୁ ଏଭଳି କାର୍ଯ୍ୟକ୍ରମରେ ସ୍ୱଚ୍ଛତା, ସମନ୍ୱୟ ଓ ସମସ୍ତଙ୍କ ପ୍ରତି ସମାନ ବ୍ୟବହାର ରହିବା ଆବଶ୍ୟକ । ସିନାପାଲିର ନୂତନ ବସଷ୍ଟାଣ୍ଡ ଅଂଚଳର ବିକାଶ ଦିଗରେ ଏକ ନୂତନ ଅଧ୍ୟାୟ ହୋଇପାରେ । କିନ୍ତୁ ଏହାର ଉଦ୍‌ଘାଟନୀ ସମାରୋହକୁ ନେଇ ସୃଷ୍ଟି ହୋଇଥିବା ଅସନ୍ତୋଷ ଏହି ଖୁସିର ପରିବେଶକୁ ବିଚ୍ଛିନ୍ନ କରିଛି । ପ୍ରଶାସନ ଓ ଗଣମାଧ୍ୟମ ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ ନୁହନ୍ତି; ବରଂ ଜନସୂଚୀ ଓ ଅଂଚଳର ବିକାଶ ପାଇଁ ଉଭୟଙ୍କ ମଧ୍ୟରେ ସୁସମ୍ପର୍କ ଓ ସମନ୍ୱୟ ରହିବା ଅତ୍ୟନ୍ତ ଜରୁରୀ । ସାମ୍ବାଦିକମାନଙ୍କ ଦାବି ହେଉଛି, ଆଗାମୀ ଦିନରେ ଏଭଳି ସରକାରୀ ଓ ସାର୍ବଜନୀନ କାର୍ଯ୍ୟକ୍ରମରେ ସ୍ଥାନୀୟ ସାମ୍ବାଦିକମାନଙ୍କୁ ସମୟୋଚିତ ସୂଚନା ପ୍ରଦାନ କରିବା ସହ ଯଥୋଚିତ ସମ୍ମାନ ଦିଆଯାଉ । ଏଭଳିସ୍ଥଳେ ବିକାଶମୂଳକ କାର୍ଯ୍ୟର ସଠିକ୍ ତଥ୍ୟ ଜନସାଧାରଣଙ୍କ ପାଖରେ ପହଂଚିବା ସହ ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ଆସ୍ଥା ଓ ବିଶ୍ୱାସ ଆହୁରି ମଜବୁତ ହୋଇପାରିବ । ଏବେ ପ୍ରଶ୍ନ ଉଠୁଛି, ବିକାଶର ଖବର ଲୋକଙ୍କ ପାଖରେ ପହଂଚାଇବାକୁ ଯେଉଁ ଗଣମାଧ୍ୟମ ସବୁବେଳେ ଆଗରେ ରହିଛି, ସେହି ଗଣମାଧ୍ୟମକୁ ସରକାରୀ କାର୍ଯ୍ୟକ୍ରମରେ ଅବହେଳା କରିବା ପଛରେ କାହାର ଦାୟିତ୍ୱହୀନତା ରହିଛି ? ଏହାର ଉତ୍ତର ପ୍ରଶାସନ ଦେବା ଆବଶ୍ୟକ ବୋଲି ସାମ୍ବାଦିକ ମହଲରେ ମତ ପ୍ରକାଶ ପାଇଛି ।



ଦଶପଲ୍ଲାରେ ଜିଲ୍ଲା ସ୍ତରୀୟ ଜନଜାତି ଗୌରବ ଦିବସ ପାଳିତ



ଦଶପଲ୍ଲା, ୧୫/୧୧ (ଆ.ପ୍ର) : ନୟାଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଦଶପଲ୍ଲା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ ଜନଜାତି ଗୌରବ ଦିବସ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି । ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଧରତୀ ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଅବସରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ଅତିରିକ୍ତ ଜିଲ୍ଲାପାଳ ଗୋବିନ୍ଦା ଦାଶ ଯୋଗ ଦେଇ ବାପ ପ୍ରତ୍ନତତ୍ତ୍ୱ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଅନ୍ୟ ଅତିଥି ଭାବେ ଦଶପଲ୍ଲାର ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ, ଦଶପଲ୍ଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀରତ ଚନ୍ଦ୍ର ମଲ୍ଲିକ, ଜିଲ୍ଲା ମଙ୍ଗଳ ଅଧିକାରୀ ତିତରୁଖନ ଦେବେରା, ଜିଲ୍ଲା ସ୍ୱତନ୍ତ୍ର ଜନ୍ମନ ଅପରାଧିତ ଅଧ୍ୟକ୍ଷ ତିନାଥ ମଲ୍ଲିକ, ଉପାଧ୍ୟକ୍ଷା ସପ୍ତିତା ଦେହୁରୀ, ଅତିରିକ୍ତ ତହସିଲଦାର ଦଶପଲ୍ଲା ସ୍କୁଲଦେବ ବେହେରା ଏବଂ ବରିଷ୍ଠ ଉପସ୍ଥାପକ ଜିତିଥିଲେ। ଏହି ଅବସରରେ ହିତାଧିକାରୀମାନଙ୍କୁ ଏସ୍‌ଟି ଆର ଏ ପଟ୍ଟା, ଜାତି ପ୍ରମାଣପତ୍ର, ଶ୍ରମିକ କାର୍ଡ ଏବଂ ସାମାଜିକ ସୁରକ୍ଷା ଭତା ପ୍ରଦାନ କରାଯାଇଥିଲା । ଏଥି ସହିତ କାର୍ଯ୍ୟକ୍ରମ ସ୍ଥଳରେ ସ୍ୱାସ୍ଥ୍ୟ, କୃଷି, ଉତ୍ତସିଲ୍, ଦ୍ୟାଳ, ଆଧାର, ମନ୍ଦିଜା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ବିଭିନ୍ନ ଷ୍ଟଲ୍ ଖୋଲା ଯାଇଥିଲା । ସେଠାରେ ଆୟୁଷ୍ମାନ୍ କାର୍ଡ, ଫିଏମ୍ ଶିକ୍ଷାନ୍ କାର୍ଡ, ସିକ୍ଲଲ୍ ସେଲ୍ ପରୀକ୍ଷା, ଜାତି ଓ ଦାଖିଲା ପ୍ରମାଣପତ୍ର ଆଦି ଦେବା ସୋଗାଇ ଦିଆଯାଇଥିଲା । ଶଙ୍ଖ ଶବ୍ଦ ବିଡାଧିକାରୀ ଏହାର ଲାଇ ଉଦାଇଥିଲେ । କାର୍ଯ୍ୟକ୍ରମକୁ ଦଶପଲ୍ଲା ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ କୃଷ୍ଣଚନ୍ଦ୍ର ସାହୁ ପରିଚାଳନା କରିଥିଲେ । ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଫଳ ଭାବେ ପରିଚାଳିତ ହୋଇଥିଲା ।

ସମାଜର ଅମୂଲ୍ୟ ସମ୍ପଦ ବରିଷ୍ଠ ନାଗରିକ



ଜଗତସିଂହପୁର, ୧୫/୧୧ (ଆ.ପ୍ର) : ଜଗତସିଂହପୁର ବ୍ଲକ୍ ଅନ୍ତର୍ଗତ ପୋଥାପଡ଼ାସ୍ଥିତ ପ୍ରସିଦ୍ଧ ଶୈବ ପୀଠ ଜପିଲେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ଆଜି ବରିଷ୍ଠ ନାଗରିକ, ପରମ୍ପରା ଓ ସଂସ୍କୃତିର ରକ୍ଷକ ଜଗତେ ଆଲୋକନା ଚକ୍ର ଅନୁଷ୍ଠିତ ହୋଇଯାଇଅଛି ଓ ଶିକ୍ଷାବିତ୍ ଜଦାବୁନଧି ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବହୁ ବରିଷ୍ଠ ନାଗରିକ ଉପସ୍ଥିତ ରହି, ବର୍ତ୍ତମାନର ଆଧୁନିକ ଓ ବ୍ୟସ୍ତ ବହୁଳ ଜୀବନଶୈଳୀ ମଧ୍ୟରେ ଗୁରୁତ୍ୱ ବାଣ୍ଟିଥିବା ମାନବ ଜିପରି ସ୍ୱାସ୍ଥ୍ୟଗତ ଓ ନିସଙ୍ଗତା ସମସ୍ୟାର ସମ୍ମୁଖୀନ ହେଉଛନ୍ତି ମତବ୍ୟକ୍ତ କରିଥା ବରିଷ୍ଠ ବରିଷ୍ଠ ନାଗରିକ ମାନେ ସମାଜର ଅମୂଲ୍ୟ ସମ୍ପଦ ବୋଲି କହିଥିଲେ । ଯେଉଁମାନେ ନିଜର ସମସ୍ତ ସମୟ ପରିଶ୍ରମ ଓ ସମାଜ ଗଠନରେ ବିତାଇଦେଇଛନ୍ତି, ପରିଣତ ବୟସରେ ସେମାନଙ୍କୁ ଆଉଜି ଅବହେଳା ଜରିବା ଉଚିତ ନୁହେଁ ବୋଲି ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ବଂଶାଧର ଆଚାର୍ଯ୍ୟ, ସତ୍ୟବାଦୀ ଦାସ, ଉମେଶ ଚନ୍ଦ୍ର ସାହୁ, ବିଜୟ କୁମାର ରାଉତ, ବିଶ୍ୱ ଚରଣ ପରିଡ଼ା, ଯୁଗେଶ ଚନ୍ଦ୍ର ଜେନା, ଉଚତ କୁମାର ପରିଡ଼ା, ପବିତ୍ର ମୋହନ ଗୋସ୍ୱାମୀ , ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ, ପ୍ରଦ୍ୟୁମ୍ନ କୁମାର ସାହୁ, ବିଶ୍ୱେଶ୍ୱର ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଶେଷରେ ସୁରେନ୍ଦ୍ର କୁମାର ରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

ନିଖୋଜ ନାବାଳିକାକୁ ଉଦ୍ଧାର କଲା ଟାଙ୍ଗୀ ପୋଲିସ

ଟାଙ୍ଗୀ ଚୌରାସ୍ତା, ୧୫/୧୧ (ଆ.ପ୍ର) : ଟାଙ୍ଗୀ ଥାନା ସୂଚନା ଅନୁଯାୟୀ,ତା. ୧୦.୧୦.୨୦୨୬ ଗିଖା ରାତି ସମୟରେ ଅଭିଯୋଗ କାରିଣୀ ଶ୍ରୀମତୀ ପିଙ୍କି ଖିଲୁ (୩୨), ସ୍ୱାମୀ-ସୁଜାନ ସିକୁ, ଗ୍ରାମ- ବିଲ ଡେଉଁଆ ଥାନା-ଟାଙ୍ଗୀ, ଜିଲ୍ଲା-କେନ୍ଦ୍ରାପଡା ନାବାଳିକା ଝିଅ ଘରୁ ନିଖୋଜ ହୋଇଥିବା ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ ଅଭିଯୋଗକାରିଣୀଙ୍କ ଏଜାହା ଆଧାରରେ ଟାଙ୍ଗୀଥାନା କେସ୍ ନଂ*୫୫୨, ତା. ୧୦.୧୦.୨୦୨୬ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା । ତଦନ୍ତ ସମୟରେ ଜଣାପଡ଼ିଥିଲା ଯେ, ଅଭିଯୁକ୍ତ ମକବୁଲ ଖାନ୍(୨୦)ବିଲଡେଉଁଆ ଅଂଚଳର ନାବାଳିକାକୁ ପଟ୍ଟାରେ ନେଇ ମହାରାଷ୍ଟ୍ରର ପୁଣେ ସହରକୁ ଯାଇ ବିବାହ କରିଥିବା ଅନୁସନ୍ଧାନରେ ଜଣାପଡିଛି । ଅଭିଯୁକ୍ତ ମକବୁଲ ଖାନ୍ ଓ ନାବାଳିକାଙ୍କୁ ଟାଙ୍ଗୀ ଆଣି ଅନୁସନ୍ଧାନ ଜାହାର ରଖିଥିବା ସ୍ଥାନରୁ ଏକ ଭଡ଼ା ଘରେ ରହୁଥିଲେ । ଟାଙ୍ଗୀ ଯୋଜିସରେ (ଏସ.ଆଇ) ପ୍ରଣୀତ କୁମାର ବେହେରା (ଆଇ.ଆଇ.ସି) ଟିମ୍ ମଙ୍ଗଳ ସେଠିକୁ ତଦନ୍ତ ଓ ତଦ୍ୟମ ପଟ୍ଟରେ ନାବାଳିକାକୁ ସେଠାରୁ ସୁରକ୍ଷିତ ଉଦ୍ଧାର କରାଯାଇଥିଲା, ନାବାଳିକାର ବୟାନ ଅତିଓ-ରିଡିଓ ମାଧ୍ୟମରେ ରେକର୍ଡ କରାଯାଇଥିଲା । ଉଦ୍ଧାର ପରେ ନାବାଳିକାର ସୁରକ୍ଷା ନିମନ୍ତେ ବଙ୍ଗୁରା ପେଟ୍ ସେଣ୍ଟର, ବିଡ଼ାଗାସା, ଜଟକାଠରେ ରଖାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ମେଡିକାଲ୍ ଜଟକାଠରେ ଜଞ୍ଚରୀ ପରୀକ୍ଷା କରାଯାଇଥିଲା । ତଦନ୍ତରେ ସଂଗୃହୀତ ପ୍ରାଥମିକ ପ୍ରମାଣ ଓ ନାବାଳିକାଙ୍କ ବୟାନ ଆଧାରରେ ଅଭିଯୁକ୍ତଙ୍କୁ ସିଏଚ୍ ଜରାଯାଇ ଧରା ପୋଡ଼ିଥା ଆଜୁ ଅନୁଯାଇ ତା. ୧୫.୧୧.୨୦୨୬ ତିଖରେ ମାନ୍ୟବର ଅଦାଲତକୁ ଚାଲାଣ କରାଯାଇଛି ।

ବାଗଦେରାରୁ ବାଜିଲା 'ପରବ-୨୦୨୬'ର ବିଗୁଲ ଉଦ୍‌ଘାଟିତ
ହେଲା ୨୯ତମ ଜାତୀୟସ୍ତରୀୟ ଆଦିବାସୀ ଲୋକ ମହୋତ୍ସବ



କୋରାପୁଟ, ୧୫/୧୧ (ଆ.ପ୍ର) : କୋରାପୁଟ ଜିଲ୍ଲାର ଆଦିବାସୀ କଳା, ସଂସ୍କୃତି ଓ ପରମ୍ପରାର ଅନନ୍ୟ ମହାକୁମ୍ଭ 'ପରବ-୨୦୨୬'ର ଶୁଭାରମ୍ଭ ଉତିବାର କୁଦୁରା ବ୍ଲକ୍‌ର ବାଗଦେରୀ ଠାକୁରାଣୀ ମନ୍ଦିରଠାରେ ହୋଇଛି । ୨୯ତମ ଜାତୀୟସ୍ତରୀୟ ଆଦିବାସୀ ଲୋକ ମହୋତ୍ସବର ଉଦ୍‌ଘାଟନୀ ସମାରୋହ ଉଷାର, ଉଦ୍ୟାପନ ଓ ପାରମ୍ପାରିକ ରୀତିନୀତି ମଧ୍ୟରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମର ପ୍ରାରମ୍ଭରେ କୋରାପୁଟସ୍ଥିତ ନିଶାଣୀ ମୁଖ୍ୟାଠାରେ ପାରମ୍ପାରିକ ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା । ପରେ ବାଗଦେରୀ ଠାକୁରାଣୀ ମନ୍ଦିରଠାରୁ ମଶାଲ ଶୋଭାଯାତ୍ରା ବାହାରି ମହୋତ୍ସବର ସଭାସ୍ଥଳରେ ପହଂଚିଥିଲା । ଏହାପରେ ଆରମ୍ଭ ହୋଇଥିଲା ଉଦ୍‌ଘାଟନୀ ସମାରୋହ । ଏହି ଅବସରରେ କୋରାପୁଟ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ମନୋଜ ସତ୍ୟଖ୍ୟାନ ମହାଜନ, କୋରାପୁଟ ବିଧାୟକ ଉପୁରାମ ମାଝି, କୋଟପାଡ଼ ବିଧାୟକ ରୁପୁ ଭତ୍ରା, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁରା, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡ଼ାମ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସପ୍ତିତା ମୋଲେଇ, ଉପାଧ୍ୟକ୍ଷ ରାଧାବିନୋଦ ସାମନ୍ତରାୟ, ଜିଲ୍ଲା ପରିଷଦ ସଦସ୍ୟା କନକଲତା ପେଙ୍ଗିଆ ପ୍ରମୁଖ ଯୋଗଦେଇଥିଲେ । ଏଥିସହ ବିଭିନ୍ନ ବୁଲ୍ ଅଧ୍ୟକ୍ଷ, ପୌରପାଳିକା ଅଧ୍ୟକ୍ଷ, ସଂସଦୀୟ ପ୍ରତିନିଧି ମନୋଜ ଆଚାର୍ଯ୍ୟ ଓ କୁରୁଆ ସରପଂଚ ଦଇମତି ସାଲ୍ୟା ଉପସ୍ଥିତ ରହିଥିଲେ । ସେହିପରି ଜୋଡାପୁଟ ଉପଜିଲ୍ଲାପାଳ ପାଟିରବିନ୍ଦ, ଜୟପୁର ଉପଜିଲ୍ଲାପାଳ ଶୁଭ୍ରା ପଧା, ଜୟପୁର ଏଏଁପିଓ ଅର୍ଜିତା ମିତଲ, ପ୍ରଶିକ୍ଷଣାର୍ଥୀ ଅଧିକାରୀ ଅନୁପ କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ନାଏକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନଉଶେ ଚନ୍ଦ୍ର ଶବର, ଜିଲ୍ଲା ପରିଷଦର ମୁଖ୍ୟ ପରିଚୟକୁ ଆହୁରି ସମୃଦ୍ଧ କରିବାର ପ୍ରୟାସ କରାଯାଇଛି ।

ଜିଲ୍ଲା ସ୍ତରୀୟ ଜନଜାତିୟ ଗୌରବ ଦିବସ ପାଳିତ



ଧର୍ମଗଡ଼, ୧୫/୧୧ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା ଧର୍ମଗଡ ଠାରେ ଜିଲ୍ଲା ସ୍ତରୀୟ ଜନଜାତୀୟ ଗୌରବ ଦିବସ ପାଳନ ହୋଇଥିଲା । ସୁଜାନ୍ଧପ୍ରସ୍ଥ ସାହସ, ତ୍ୟାଗ ଓ ଦେଶପ୍ରେମର ପ୍ରତୀକ, ଜାତିଜିବୀର ମହାନ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଉଗବାନ ବିର୍ସା ମୁଣ୍ଡାଙ୍କ ୧୫୧ ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ ଆଜି ଜିଲ୍ଲା ଆଦି ବାସି ମୋର୍ଚ୍ଚା ଜିଲ୍ଲା ସଭାପତି ତିନାଥ ସବରଙ୍କ ନେତୃତ୍ୱରେ ମୁଖ୍ୟ ଅତିଥି ଭାବରେ ମାନ୍ୟବର ଧର୍ମଗଡ ବିଧାୟକ ଜିଲ୍ଲା ପାଳନା ବୋଡ ଅଧକ୍ଷ ସୁଧାର ରଞ୍ଜନ ପଟ୍ଟାସାମନ୍ତ, ମୁଖ୍ୟ ବକ୍ତା ଭାବରେ ରାଜ୍ୟ ଆଦିବାସୀ ମୋର୍ଚ୍ଚା ଉପ ସଭାପତି ଲାଞ୍ଜି ଗଡ ବିଧାୟକ ପ୍ରୀତୀ ରଂଜନ ମାଝି ଏଓପ୍ରିସି ଅଧ୍ୟକ୍ଷ ବିରଜା ବିଶାଲି ମଝେଇଙ୍କ, ସରପଂଚ ମୁନ୍ଦୁରା ସବର, ଜିଲ୍ଲା ପରିଷଦ ଅଙ୍ଗଦ ମାଝୀ, ସରପଂଚ ଗୋଟିଲ ପାଣି ସରପଂଚ ପଦମିନି ମାଝୀ, ମନୋଜ ନାଏକ, ସୁରେନ୍ଦ୍ର ନାଏକ, ଯୋଗେଶ କରିଥିଲେ । ମନୋଜ ପାତ୍ର ମଂଚ ପରିଚାଳନ କରିଥିଲେ ଜୁଗାରୁ ଏବଂ ଧର୍ମଗଡ ବିଧାନ ସଭା ଅଂଚଳର ବୋହୂ ଆଦିବାସି ଜେତା ଉପସ୍ଥିତି ଥିଲେ ।

ମୁଣିଙ୍ଗିଆ ଆଶ୍ରମ ବିଦ୍ୟାଳୟରେ ଜନଜାତୀୟ ଗୌରବ ଦିବସ ପାଳିତ



ଟିକାବାଲି, ୧୫/୧୧ (ଆ.ପ୍ର) : ଟିକାବାଲି ବୁକ୍ ଅଧୀନସ୍ଥ ମୁଣିଙ୍ଗିଆ ଆଶ୍ରମ ବିଦ୍ୟାଳୟରେ ଜନଜାତୀୟ ଗୌରବ ଦିବସ ତଥା ଉତ୍ତରାଚଳ ବିର୍ସା ମୁଣ୍ଡାଙ୍କ ୧୫୧ତମ ଜନ୍ମ ବାର୍ଷିକୀ ଓ ପିତାମାତା ସହରାଗିତା ସମ୍ମିଳନୀ ତା ୧୫.୧୧.୨୦୨୬ ଦିନ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦ୍ୟୁମ୍ନ କୁମାର ଜଳିଙ୍କ ସଭାପତିତ୍ୱରେ ମହାସମାରୋହରେ ଆୟୋଜିତ ହୋଇଯାଇଅଛି । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଟିମାହା ସରପଂଚ କର୍ଣ୍ଣେଲ ପ୍ରଧାନ, ମୁଖ୍ୟବକ୍ତା ରୂପେ ଟିକାବାଲି ମଙ୍ଗଳ ଅନୁଷ୍ଠାନର ଅଧିକାରୀ ଅଶିଷ ଅଂଶୁମାନ ପାତ୍ର, ସମ୍ମାନିତ ଅତିଥିଭାବେ ଡାକ୍ତର ଜଗେଶ କୁମାର ଗାଉଡ଼, ଐଆରସିପି ଅଧିକାରୀ ପ୍ରମାଣିକା, ସମାଜସେବୀ କୁମାରୀ ମମାଶ୍ରୀ ବିର୍ସା ମୁଣ୍ଡାଙ୍କ ସମାଜ ପ୍ରତି ଅବଦାନ ଓ ଜନଜାତି ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ସ୍ମୃତି ଚାରଣ କରିଥିଲେ । ଅତିଥିବୃନ୍ଦ ବହୁ ଜନକଲ୍ୟାଣକାରୀ ସରକାରୀ ଯୋଜନା ସୁବିଧା ଉପସ୍ଥିତ ଅଭିଭାବକଙ୍କ ଅବଗତି ନିମନ୍ତେ ଉପସ୍ଥାପନ କରିଥିଲେ । ଅନୁଷ୍ଠାନର ଛାତ୍ରଛାତ୍ରୀ, ଅଭିଭାବକଙ୍କ ମଧ୍ୟରେ ଆୟୋଜିତ ପ୍ରତିଯୋଗିତା ଗୁଡ଼ିକ ନିମନ୍ତେ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବି ତ ର ଣ କରାଯାଇଥିଲା । ସାମୂର୍ଣ୍ଣ କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ସୁଧୀର କୁମାର ସାହୁଙ୍କ ନେତୃତ୍ୱରେ ସହକାରୀ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ଟିଗରା, ସବିତା ନାୟକ ଓ ସୁରୀସ ରତ୍ନ ପରିଡ଼ା ଅତି ସୁନ୍ଦର ଭାବେ ପରିଚାଳନା କରିଥିଲେ । ମେନ୍ତର ଜୁନୁ ଖମାରା, ମାନତୀ ଲିମାଙ୍କ ସହ ଟିକିଳା ପ୍ରଧାନ, ମାୟାବତୀ ପ୍ରଧାନ, ଜିତେନ୍ଦ୍ର ପ୍ରଧାନ, ରଜନୀ ପ୍ରଧାନ, ଅମ୍ଲାନ ମଲିକ୍ ସହଯୋଗ କରିଥିଲେ । ପରେ ପରବେଶ୍ୱାରୁଦ୍ଧାରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ବିଜ୍ଞାନ ପ୍ରଦର୍ଶନୀ ମେଳା ଅନୁଷ୍ଠିତ



ପାରଜାଖେମୁଣ୍ଡି, ୧୫/୧୧ (ଆ.ପ୍ର) : ଗଜପତି ଜିଲ୍ଲା ସଦରମହକୁମା ପାରଜାଖେମୁଣ୍ଡି ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମାତୃପୀଠର ପ୍ରତିଷ୍ଠା ଦିବସ ଅବସରରେ ଏକ ଆକର୍ଷଣୀୟ ବିଜ୍ଞାନ ପ୍ରଦର୍ଶନୀ ମେଳା ଆୟୋଜିତ ହୋଇଯାଇଛି । ଏହି ପ୍ରଦର୍ଶନୀରେ ଛାତ୍ରଛାତ୍ରୀମାନେ ଶ୍ରେଣୀଗୃହରେ ଅଧ୍ୟୟନ କରିଥିବା ବିଷୟବସ୍ତୁ ଏବଂ ଦୈନନ୍ଦିନ ଜୀବନରେ ନିଜେ କରିଥିବା ବିଜ୍ଞାନ ପରୀକ୍ଷାଗୁଡ଼ିକୁ ଆଧାର କରି ପ୍ରାୟ ୬୦ଟି ଆକର୍ଷଣୀୟ ପ୍ରକଳ୍ପ ପ୍ରସ୍ତୁତ କରି ପ୍ରଦର୍ଶନ କରିଥିଲେ । ଛାତ୍ରଛାତ୍ରୀଙ୍କ ସୃଜନଶୀଳତା, ବୈଜ୍ଞାନିକ ଚିନ୍ତାଧାରା ଓ ଗବେଷଣାମୂଳକ ମନୋଭାବ ଏହି ପ୍ରଦର୍ଶନୀରେ ପ୍ରତିଫଳିତ ହୋଇଥିଲା । ଏହି ଅବସରରେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଖିଲ୍ଲ. ବିଶ୍ୱା ରାଓ ମୁଖ୍ୟ ଅତିଥି, ଜିଲ୍ଲା ବୁଲ୍ ଶିକ୍ଷା ଅଧିକାରୀ ଏନ୍. ବିମଳ ସଞ୍ଚାଳିତ ଅତିଥି ଏବଂ ଅବସରପ୍ରାପ୍ତ ଶିକ୍ଷକ ମନୋଜ କୁମାର ପଣ୍ଡା ମୁଖ୍ୟବକ୍ତା ଭାବ



ଆରମ୍ଭ
SEITHO ARAMBHA

ସୋମବାର, ୧୬ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮



ନ୍ୟୁଜିଲାଣ୍ଡକୁ ୨୨ ରନ୍‌ରେ ହରାଇ ଶୃଙ୍ଖଳା ଜିତିଲା ଭାରତ



ନୂଆଦିଲ୍ଲୀ, ୧୫/୧୧(ନ୍ୟୁ.ଏ): ଚତୁର୍ଥ ଟିନିକିଆଁ ଲଜ୍ଜାଜନକ ପରାଜୟର ପ୍ରତିଶୋଧ ନେଲା ଭାରତ । ଂଚମ ଟିନିକିଆଁରେ ନ୍ୟୁଜିଲ୍ୟାଣ୍ଡକୁ ଜଲା ପରାସ୍ତ । ଂଚମ ଟିନିକିଆଁରେ ପରାସ୍ତ ହେବା ସହିତ ସିରିଜ୍ ହାରିଯାଇଛି ନ୍ୟୁଜିଲ୍ୟାଣ୍ଡ । ଘରୋଇ ଦଳ ୨୨ ରନ୍‌ରେ ଭାରତଠାରୁ ହାରିଯାଇଛି । ଏହା ସହିତ ଦୀର୍ଘ ୭ ବର୍ଷ ଧରି ଘରୋଇ ମାଟିରେ ଟିନିକିଆ ସିରିଜ୍ ନହାରିବାର ଯେଉଁ ରେକର୍ଡ ନ୍ୟୁଜିଲ୍ୟାଣ୍ଡ ଠିଆରି କରିଥିଲା, ତାହା ଗାଞ୍ଚି ଯାଇଛି । ଆଜି ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା ନ୍ୟୁଜିଲ୍ୟାଣ୍ଡ । ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପୂରା ୫୦ ଓଭର ଖେଳିବାକୁ ସକ୍ଷମ ହୋଇନଥିଲା । ୪୨.୧ ଓଭରରେ ଦଳ ଅଲ୍ ଆଉଟ୍ ହୋଇଯାଇଥିଲା ମାତ୍ର ୨୦୯ ରନ୍ କରି । ଡେଣ୍ଡୁ ଭାରତ ଜିତିବାର ସାମ୍ଭାବନା ନାହିଁ ବୋଲି ଆକଳନ କରି ନେଇଥିଲେ ଅନେକ କ୍ରିକେଟ ପ୍ରେମୀ । କିନ୍ତୁ ଏହାକୁ ଭୁଲ୍ ପ୍ରମାଣିତ କରିଥିଲେ ଭାରତୀୟ ବୋଲର । ନ୍ୟୁଜିଲ୍ୟାଣ୍ଡ ବୋଲରଙ୍କ ଭଳି ସେମାନେ ମଧ୍ୟ କରିଥିଲେ ସବୁଜିତ ବୋଲିଂ । ବଞ୍ଚି ହୋଇ ରହିଯାଇଥିଲେ ନ୍ୟୁଜିଲ୍ୟାଣ୍ଡ ବ୍ୟାଟର । ବଡ଼ ସ୍କୋର କରିପାରି ନଥିଲେ ସେମାନେ । ତା' ସାଙ୍ଗକୁ ନିୟମିତ ସାଉଦି ବୋଲିଂ । ଶେଷ ଓଭରରେ ଜାଡି ମାରିଥିଲା ଭାରତ । ଭାରତୀୟ ଦଳ ପକ୍ଷରୁ ଆଜି ଫୋଣସି ବ୍ୟାଟର ଅର୍ଦ୍ଧଶତକ କରିପାରି ନଥିଲେ । ଗାର ମ୍ୟାଚ୍ ଭଳି ଆଜି ଫେସ୍ ମାଗିଥିଲେ ରୋହିତ ଶର୍ମା ଓ ଦଳାତ ଜୋହଲି । ଏକ ଦୁଇ କରିଷ୍ମ ବ୍ୟାଟର ଯଥାକ୍ରମେ ୭ ଓ ୫ ରନ୍ କରି ଆଉଟ୍ ହୋଇଥିଲେ । ଭାରୟଙ୍କ ଡ଼ିକେଟ୍ ନେଇଥିଲେ ମାଥ୍ୟୁ ଫିସର । ଉଭୟେ କ୍ୟାଚ୍ ଆଉଟ୍ ହୋଇଥିଲେ । ରୋହିତ ଶର୍ମାଙ୍କ ସହିତ ଓପନିଂ କରିବାକୁ ଆସିଥିବା ଉରୁଣାଲ ଗାଏକ୍ୱାଡ ୧୮ ରନ୍ କରିଥିଲେ । ୨୨ଟି ବଲ୍‌ରୁ ୩ଟି ଚୌକା ସହାୟତାରେ ୧୮ ରନ୍ କରି ସେ ଜାକବ ଡଫିଙ୍କ ବଲରେ ଡିମ୍ ସେଇଫର୍ଟଙ୍କ ହାତରେ କ୍ୟାଚ୍ ଆଉଟ୍ ହୋଇଥିଲେ । ଅଧିନାୟକ ଶ୍ରେୟସ ଆୟର ମଧ୍ୟ ଲମ୍ବା ସମୟ ପାଇଁ କ୍ରିଜ୍‌ରେ ରହିପାରି ନଥିଲେ । ସେ ୨୬ଟି ବଲ୍‌ରୁ ୩ଟି ଚୌକା ସହାୟତାରେ ୨୨ ରନ୍ କରି ଗ୍ଲେୟାର ଟିକ୍ନରଙ୍କ ବଲରେ ମାଥ୍ୟୁ ଫିସରଙ୍କ ଦ୍ୱାରା କ୍ୟାଚ୍ ଆଉଟ୍ ହୋଇଥିଲେ । ୧୭.୨ ଓଭରରେ ୮୬ ରନ୍‌ରେ ଦଳ ୪ଟି ଡ଼ିକେଟ୍ ହରାଇଥିଲା । ସ୍ଥିତି ଏଭଳି ଥିବା ବେଳେ ଆଶା ଦେଖାଇଥିଲେ ଅକ୍ଷର ପଟେଲ ଓ ୱଶାଳ କିଷ୍ଣନ । ଉଭୟ କ୍ରିଜ୍‌ରେ ସେଟ୍ ହିଁ ସମୟ ତିଷ୍ଠି ରହିଥିଲେ । କିନ୍ତୁ ଉଭୟେ ୪୬ ରନ୍ ସ୍କୋଖାଏ କରି ଆଉଟ୍ ହୋଇଯାଇଥିଲେ । ଅକ୍ଷର ପଟେଲ ୫୫ ବଲ୍‌ରୁ ୫ ଚୌକା ସହାୟତାରେ ୪୬ ରନ୍ କରି ଆଉଟ୍ ହୋଇଥିଲେ । ୧୨ଟ ରନ୍‌ରେ ଦଳ ୫ଟି ଡ଼ିକେଟ୍ ହରାଇଥିଲା । ଏହା ପରେ ନମନ ଧାରଙ୍କୁ ସାଥୀ କରି ମ୍ୟାଚ୍‌କୁ ଆଗେଇ ନେଇଥିଲେ ୱଶାଳ କିଷ୍ଣନ । ଦଳୀୟ ସ୍କୋର ୧୬୦ରେ ପହଂଚିବା ବେଳେ ୨୨ ରନ୍ କରି ଆଉଟ୍ ହୋଇଥିଲେ ନମନ । ତା'ପରେ ଉଲାଡାର ଦୁଇଟି ଡ଼ିକେଟ୍ ହରାଇଥିଲା ଦଳ । ୩୩.୨ ଓଭରରେ ଅଦିତ ନଟି ଓ ୩୫.୬ ଓଭରରେ ୱଶ ଠାକୁର ଆଉଟ୍ ହୋଇଯାଇଥିଲେ । ଅଦିତ ୫ ରନ୍ କରିଥିବା ବେଳେ ୱଶ ୪ଟି ଚୌକା ସହାୟତାରେ ୩୧ ରନ୍ କରିଥିଲେ । ତାଙ୍କୁ ଗୋଲ୍ଡ କରିଥିଲେ ୱଶ ଠାକୁର । ନିକ୍ କେଲୀ ଓ ଅଧିନାୟକ ମିଚେଲ ସାଂଟନର ୨୪ ରନ୍ ଲେଖାଏ କରିଥିଲେ । ନିକ୍ କେଲୀଙ୍କୁ ଅର୍ଶଦୀପ ସିଂହ ବୋଲ୍ଡ କରିଥିବା ବେଳେ ମିଚେଲଙ୍କ ଡ଼ିକେଟ ନେଇଥିଲେ ନମନ ଧାର । ମିଚେଲ କ୍ୟାଚ୍ ଆଉଟ୍ ହୋଇଥିଲେ । ଓମନର ଡ଼ିଲ୍ ଯଜ୍ଞ ୨୨ ରନ୍ କରି ଆଉଟ୍ ହୋଇଥିବା ବେଳେ ଟିମ୍ ସେଇଫର୍ଟ ୧୪, ମିଚେଲ ସ୍ୱାମ୍ପ୍ସେଲ ୧୯, କ୍ରିଷ୍ଟିଆନ କ୍ଲାର୍କ ୧୬, ଜ୍ୟାକବ ଡଫିନ ୧୪ ଓ ଜାକବ ଡଫୀ ୯ ରନ୍ କରିଥିଲେ । ଫିନ୍ ଆଲେନ୍ ୧ ରନ୍ କରିଥିବା ବେଳେ ମାଥ୍ୟୁ ଫିସର ୩ ରନ୍ କରି ଅପରାଜିତ ରହିଥିଲେ । ୪୮.୧ ଓଭରରେ ୧୮୭ ରନ୍‌ରେ ଅଲ୍ ଆଉଟ୍ ହୋଇଯାଇଥିଲା ଦଳ । ଭାରତ ପକ୍ଷରୁ ଅର୍ଶଦୀପ ସିଂହ ସର୍ବାଧିକ ୩ଟି ଡ଼ିକେଟ୍ ନେଇଥିବା ବେଳେ ମହମ୍ମଦ ସିରାଜ ଓ ଅକ୍ଷର ପଟେଲ ୨ଟି ଲେଖାଏ ଏବଂ ଅର୍ଦ୍ଧେକ ନଦି, ୱଶ ଠାକୁର ଏବଂ ନମନ ଧାର ଗୋଟିଏ ଲେଖାଏଁ ଡ଼ିକେଟ୍ ପାଇଥିଲେ । ସୂଚନାଯୋଗ୍ୟ, ବର୍ତ୍ତା ଯୋଗୁ ଏହି ଷ୍ଟିଲ୍ଲର ପ୍ରଥମ ମ୍ୟାଚ୍‌ଖେଳା ଯାଇପାରି ନଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ୨୪୪ ରନ୍‌ରେ ହରାଇଥିଲା ନ୍ୟୁଜିଲ୍ୟାଣ୍ଡ । ଘରୋଇ ଦଳ ୩୩ଟୀ ରନ୍ କରିଥିବା ବେଳେ ଭାରତ ମାତ୍ର ୮୯